**ଗଞ୍ଜେଇ, ବାଇକ ଛାଡି ୨ ଫେରାର**

ଜୟପୁର, ୧୭।୬ (ପବନ ପାଣିଗ୍ରାହୀ)-ଗଞ୍ଜେଇ ଚୋରାଚାଲାଣ ବେଳେ ପୋଲିସକୁ ଦେଖି ଚାଲାଣକାରୀମାନେ ବାଇକ୍ ଓ ଗଞ୍ଜେଇ ଛାଡି ଫେରାର ହୋଇଯାଇଛନ୍ତି।ଖବରରୁ ଜଣାପଡିଛି, ଜୟପୁର ସଦର ପୋଲିସ ପାତ୍ରପୁଟଠାରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ କୋଟା ଛକ ପଟୁ ବାଇକ୍‌ରେ ଆସୁଥିବା ୨ ଜଣ ପୋଲିସକୁ ଦେଖି ବାଇକ ଛାଡି ଫେରାର ହୋଇଯାଇଥିଲେ। ପରେ ପୋଲିସ ବାଇକ୍‌କୁ ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ମିଳିଥିଲା। ଏହାକୁ ଓଜନ କରିବାର ୭୦ କେଜି ହୋଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ନନ୍ଦପୁର ରଥଯାତ୍ରା ସମୀକ୍ଷା ବୈଠକ

ନନ୍ଦପୁର, ୧୭।୬ (ଶଙ୍କର ପୂଜାରୀ)- କୋରାପୁଟ ଜିଲା ନନ୍ଦପୁର ଏସଡିପିଓ ସଞ୍ଜୟ ମହାପାତ୍ରଙ୍କ ଅଧକ୍ଷତାରେ ଶନିବାର ନନ୍ଦପୁର ଜଗନ୍ନାଥ ମନ୍ଦିରର ରଥଯାତ୍ରା ନେଇ ଏକ ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ରାସ୍ତାର ସ୍ଥିତି ଅନୁଧାନ ପାଇଁ ପୋଲିସ, ପ୍ରଶାସନିକ ଅଧିକାରୀଙ୍କ ମକଡ୍ରିଲ ହୋଇଥିଲା। ବୈଠକରେ ତହସିଲଦାର ନରସିଂହ ଗାଦବା, ବିଡିଓ ସୁଜିତ ମିଶ୍ର, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଜସକେତନ ବେହେରା, ଥାନାଧିକାରୀ ପ୍ରଫୁଲ୍ଲ ଲାକ୍ରା, ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ କାହ୍ନୁଚରଣ ସେଠୀ, ବନପାଳ ଗୋପୀନାଥ ପାଙ୍ଗି, ଅବକାରୀ ନିରୀକ୍ଷକ ଅଭୟ ନାୟକ, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ବିକାଶ ଚୌଧୁରୀ, ଅଗ୍ନିଶମ ବାହିନୀର ଏଲଏଫଏମ ପି.ଆର. ପାତ୍ର, ରାଜସ୍ୱ ନିରୀକ୍ଷକ ପଣ୍ଡେଇ ମହାନ୍ତି, ଡାକ୍ତର ଅମିତ୍ ସାହୁ, ଏସ୍ଆଇ ଦୀପ୍ତିମୟୀ ଧାରୁଆ, ଏଏସଆଇ ହୃଷିକେଶ ମହାନ୍ତି ,ଜଗନ୍ନାଥ ପାଙ୍ଗି, ରଥଯାତ୍ରା ପରିଚାଳନା କମିଟି ସଦସ୍ୟ ସୁରେନ୍ଦ୍ର ଖେମୁଣ୍ଡୁ, ମୁନା ଦଳପତି, ତ୍ରିନାଥ ଖରା, ମନ୍ଦିର ପରିଚାଳନା କମିଟି ସଦସ୍ୟ ଲୋକନାଥ ଚୌଧୁରୀ, ତୁଷାରକାନ୍ତ ମହାନ୍ତି, ବ୍ରାହ୍ମଣ ନିଯୋଗର ଶଙ୍କର ପଣ୍ଡା ପୂଜକ ପ୍ରଦୀପ ଦାସ ଓ ଅନିଲ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସୁରୁଖୁରୁରେ ରଥଯାତ୍ରା ସମ୍ପନ୍ନ ନେଇ ଆଲୋଚନା କରିଥିଲେ। ରଥଯାତ୍ରା ପାଇଁ ରାସ୍ତାରୁ ବିଦ୍ୟୁତ୍ ତାର ହଟାଇବା, ପାନୀୟ ଜଳ, ପରିମଳ ବ୍ୟବସ୍ଥା, ରାସ୍ତାରୁ ହମ୍ପସ ହଟାଇବା ଓ ମରାମତି, ସ୍ୱେଚ୍ଛାସେବୀ ନିଯୁକ୍ତି ଉକ୍ତ ଦିନ ମଦ ଦୋକାନ ବନ୍ଦ ନେଇ ଆଲୋଚନା ହୋଇଥିଲା।

### ବାଳାଶ୍ରମ ଅନ୍ତେବାସୀ ଦେଖିଲେ ଆଦିପୁରୁଷ

ଜୟପୁର, ୧୭।୬ (ପବନ ପାଣିଗ୍ରାହୀ)- କୋରାପୁଟ ଜିଲା ଜୟପୁର ପାରାବେଡାସ୍ଥିତ ଉତ୍କଳ ବାଳାଶ୍ରମର ପିଲାମାନେ ଶନିବାର ଚଳଚ୍ଚିତ୍ର ଦେଖିଛନ୍ତି। ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଓ ସିନେପ୍ଲେକ୍ସର ମାଲିକ ଆଲୋକ ଆଗ୍ରୱାଲଙ୍କ ଉଦ୍ୟମରେ ୬୦ ଜଣ ଅନ୍ତେବାସୀ ପିଲାଏ ହାନ୍ଦି ଚଳଚ୍ଚିତ୍ର ଆଦିପୁରୁଷ ଦେଖିଥିବା ଜଣାପଡିଛି। ସେମାନଙ୍କ ସହ ବାଳାଶ୍ରମ କର୍ମଚାରୀମାନେ ମଧ ଏହି ଚଳଚ୍ଚିତ୍ର ଦେଖିଥିଲେ। ଏନେଇ ପୌର ନିର୍ବାହୀ ଅଧିକାରୀ ପଟ୍ଟନାୟକଙ୍କୁ ପଚାରିବରୁ ସେ କହଲେ, କେବଳ ଧନୀ ଲୋକମାନେ ହିଁ ସିନେପ୍ଲେକ୍ସ ଯାଇ ଚଳଚ୍ଚିତ୍ର ଦେଖିପାରିବେ ତା'ନୁହେଁ, ଅନ୍ତେବାସୀ ପିଲାମାନେ ଏହା ଦେଖି ପାରିବେ। ସେ ସିନେପ୍ଲେକ୍ସର ମାଲିକ ଅଗ୍ରୱାଲଙ୍କ ସହ କଥା ହୋଇ ପିଲାଙ୍କୁ ଚଳଚ୍ଚିତ୍ର ଦେଖାଇବା ବ୍ୟବସ୍ଥା କରିଥିଲେ। ଏହା ଦେଖି ପିଲାମାନେ ଖୁବ୍ ଖୁସି ଥିବା ନିର୍ବାହୀ ଅଧିକାରୀ ପଟ୍ଟନାୟକ କହିଛନ୍ତି।

### ସାପ କାମୁଡ଼ାରେ ଜଣେ ମୃତ

ଦଶମନ୍ତପୁର, ୧୭।୬(ଅରବିନ୍ଦ ନାୟକ)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗାଦିଆଗୁଡ଼ା ପଞ୍ଚାୟତର ବାଲିଘାଟ ଗ୍ରାମରେ ସାପ କାମୁଡ଼ାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ କୃଷ୍ଣ ଜାନି। ଶନିବାର ଭୋର ସମୟରେ କୃଷ୍ଣ ନିଜ ଘର ପଛପଟେ ଚା' ତିଆରି କରିବାକୁ କିଛି କାଠ ସଂଗ୍ରହ କରୁଥିଲେ। ଏହି ସମୟରେ ଏକ କୋଳଥିଆ ନାଗସାପ କୃଷ୍ଣଙ୍କ ଡାହାଣ ହାତକୁ ଚୋଟ ମାରିଥିଲା ବୋଲି ସ୍ତ୍ରୀ ଦୁର୍ଗା ଜାନି କହିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କୋରାପୁଟ ମେଡିକାଲକୁ ନିଆଯାଇଥିଲା। ସେଠାରେ କୃଷ୍ଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ସର୍ପ ଦଂଶନ ପରେ କୃଷ୍ଣଙ୍କ ପାଟି ଶୁଣି ଗ୍ରାମବାସୀ ମହେଶ୍ୱର ସାଉଁତା, ଉଦ୍ଧବ ମୁଦୁଲି, ଶୋଭା ମୁଦୁଲି, ବୈଦନାଥ ଡଙ୍ଗରୀ, ଦାସରି ସାଉଁତା ପ୍ରମୁଖ ତାଙ୍କ ନିକଟରେ ପହଞ୍ଚି ସାପଟିକୁ ପିଟି ମାରି ଦେଇଥିଲେ।

# ଦେଢ଼ବର୍ଷ ହେଲା ପାଇପ ଜଳ ଯୋଗାଣ ବନ୍ଦ

**କୁନ୍ଦୁରା, ୧୭।୬ (ସନ୍ତୋଷ ପ୍ରହରାଜ)**


ଅଚଳ ହୋଇପଡିଛି ପାନୀୟ ଜଳ ଯୋଗାଣ ପାଇଁ ନିର୍ମିତ ପ୍ରକଳ୍ପ।

- ୩ ପଞ୍ଚାୟତର ୭୫୦ ପରିବାର ପାଉନାହାନ୍ତି ପାନୀୟ ଜଳ
- ବିଲ୍ ପୈଠ ହୋଇନି, ପ୍ରକଳ୍ପରୁ ବିଦ୍ୟୁତ୍ କାଟିଛି ବିଭାଗ
- ବିଦ୍ୟୁତ୍ ବିଭାଗ ସହ ଆଲୋଚନା ହୋଇଛି: କାର୍ଯ୍ୟନିର୍ବାହୀ ଅଧିକାରୀ

କୋରାପୁଟ ଜିଲା କୁନ୍ଦୁରା ବ୍ଲକସ୍ଥିତ ଆସନା ପଞ୍ଚାୟତର ଦୁରୁଗୁଡ଼ା ଓ କୁନ୍ଦୁରା ପଞ୍ଚାୟତର ଜିରାଗୁଡାଠାରେ ୫ ବର୍ଷ ହେବ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ନେଇ ହୋଇଥିବା ପ୍ରକଳ୍ପ କାମରେ ଲାଗୁନାହିଁ। ବସୁଧା ଯୋଜନାରେ ଅର୍ଥ ଖର୍ଚ୍ଚ କରାଯାଇ ପ୍ରତି ଘର ଓ ସାହିକୁ ପାନୀୟ ଜଳ ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଥିଲେ ମଧ ଏହା ବିଫଳ ହୋଇଛି। ୪ ବର୍ଷ ତଳେ ଗ୍ରାମର ପ୍ରତି ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ହୋଇ ଆସୁଥିଲା। ଏବେ ଦେଢ଼ ବର୍ଷ ହେଲା ଦୁରୁଗୁଡା ଓ ଜିରାଗୁଡ଼ା ଗ୍ରାମରେ ହୋଇଥିବା ୨ ପ୍ରକଳ୍ପ ବନ୍ଦ ରହିଛି। ଦୁରୁଗୁଡ଼ାର ୫ ଲକ୍ଷରୁ ଉର୍ଦ୍ଧ୍ୱ ଓ ଜିରାଗୁଡାର ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବିଦ୍ୟୁତ୍ ବିଲ୍ ପୈଠ ହୋଇ ନ ଥିବାରୁ ବିଦ୍ୟୁତ୍ ପ୍ରକଳ୍ପରୁ ବିଭାଗ ଲାଇନ କାଟି ଦେଇଛି। ଫଳରେ ଜିରାଗୁଡା ପ୍ରକଳ୍ପରୁ ପଡ୍ରେଇଗୁଡା ବାଘବେଡ଼ା, ଭାଜିଗୁଡା, ଜିରାଗୁଡା, କେନ୍ଦୁଗୁଡା ଆଦି ଗ୍ରାମରୁ ଉପକୃତ ହେଉଥିବା ୪୫୦ ପରିବାର ଏବଂ ଦୁରୁଗୁଡା ପ୍ରକଳ୍ପରୁ ଉପକୃତ ହେଉଥିବା ଆସନା ପଞ୍ଚାୟତର ଆମ୍ବଗୁଡ଼ା, ଦୁରୁଗୁଡା ଓ କେରମେଟି ପଞ୍ଚାୟତର ବାଲିବେଡ଼ା, ଡେଙ୍ଗାଗୁଡାର ୭୫୦ ପରିବାର ଦେଢ଼ବର୍ଷ ହେଲା ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି । ପଞ୍ଚାୟତ, ପାନୀୟ ଜଳ ବିଭାଗ ଓ ବିଦ୍ୟୁତ୍ ବିଭାଗ ମଧରେ ସମନ୍ୱୟ ରହୁ ନ ଥିବାରୁ ଗ୍ରାମବାସୀ ପାଣି ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଏନେଇ ଅଭିଯୋଗ ହେଉଥିଲେ ମଧ ଏହାର ସମାଧାନ କରାଯାଉନାହିଁ। ଏ ସମ୍ପର୍କରେ କୁନ୍ଦୁରା କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର ପୂଜାରୀଙ୍କୁ ପଚାରିବାରୁ ସେ କହିଲେ, ରାସ୍ତା କାମ ବେଳେ ପାଇପ କଟିଯାଇଥିବାରୁ ଜଳ ଯୋଗାଣ ବନ୍ଦ ରହିଛି। ଜଳ ଯୋଗାଣ ନେଇ ବିଦ୍ୟୁତ୍ ବିଭାଗ ସହ ଆଲୋଚନା ହୋଇଛି। ପ୍ରକଳ୍ପରେ ବିଦ୍ୟୁତ୍ ସଂଯୋଗ ହେଲାଣି। ଖୁବ୍‌ଶୀଘ୍ର ଜଳ ଯୋଗାଣ ହେବ ବୋଲି ପୂଜାରୀ କହିଛନ୍ତି।


କୋରାପୁଟ ଜିଲା ଜୟପୁର ପାରାବେଡାସ୍ଥିତ ଉତ୍କଳ ବାଳାଶ୍ରମର ପିଲାମାନେ ଶନିବାର ଚଳଚ୍ଚିତ୍ର ଆଦିପୁରୁଷ ଦେଖିଛନ୍ତି।

## ପଟ୍ଟା ଜମି ମୋର କହି ଧମକଚମକ ଦେଉଥିବା ଅଭିଯୋଗ

**ଜୟପୁର, ୧୭।୬ (ପବନ ପାଣିଗ୍ରାହୀ)**



ଉପଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ ।

ପଟ୍ଟା ଜମି ମୋର ରହିଥିବା କହି ଜଣେ ବ୍ୟକ୍ତି ଧମକଚମକ ଦେଉଥିବା ନେଇ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସିପିଆଇ ନେତା ଯୁଧିଷ୍ଠିର ରାଉଳଙ୍କ ନେତୃତ୍ୱରେ ଗ୍ରାମବାସୀ ଉପଜିଲାପାଳଙ୍କୁ ଭେଟି ଏନେଇ ଦାବିପତ୍ର ଦେଇଛନ୍ତି । ଜୟପୁର ତହସିଲ ଅଧୀନ ପଦ୍ମପୁର ମୌଜାରେ ପଟ୍ଟା ଜମି ରହିଛି । ଏହା ୩୫ ବର୍ଷ ହେବ ଗ୍ରାମବାସୀଙ୍କ ଦଖଲରେ ଥିବା ବେଳେ ଅନ୍ୟ ଜଣେ ଲୋକ ଆସି ଏହା ତାଙ୍କ ପଟ୍ଟାଜମି ଛାଡିବାକୁ ଗ୍ରାମବାସୀଙ୍କୁ ବାଧକରି ବିଭିନ୍ନ ସମୟରେ ଧମକଚମକ ଦେଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଗୁର ମାଳୀ, ପଦ୍ମନ ଗାଦବା, ହରି ପାଇକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଗୁଲପଣ୍ଡି କୋଲାବ ରିଜର୍ଭରେ ବୁଡ଼ିଗଲେ ନାବାଳକ

**ନନ୍ଦପୁର, ୧୭।୬ (ଶଙ୍କର ପୂଜାରୀ)**

**ମୃତ୍ୟୁର ତଦନ୍ତ ପରେ ପରିବାରକୁ ସହାୟତା: ତହସିଲଦାର**

କୋରାପୁଟ ଜିଲା ନନ୍ଦପୁର ବ୍ଲକ ମାଳିବେଲଗାଁ ପଞ୍ଚାୟତ ଗୁଲପଣ୍ଡି ଗ୍ରାମ ନିକଟସ୍ଥ କୋଲାବ ରିଜର୍ଭର ବାରିଆଗନ୍ଦଲି ଘାଟରେ ଶନିବାର ଜଣେ ନାବାଳକ ବୁଡିଯାଇଛନ୍ତି। ଫଳରେ ତାଙ୍କର ମୃତ୍ୟୁ ହୋଇଛି। ସେ ହେଉଛନ୍ତି ଗ୍ରାମର ସୁକୁ ପୂଜାରୀଙ୍କ ପୁଅ ରବୀନ୍ଦ୍ର (୧୬)। ରବୀନ୍ଦ୍ର ଶନିବାର ସକାଳୁ ଅନ୍ୟ ସାଥୀମାନଙ୍କ ସହ ଉକ୍ତ ଘାଟକୁ ଗାଧେଇବାକୁ ଯାଇଥିଲେ। ତେବେ ତାଙ୍କ ଗୋଡ ଖସି ଯିବାରୁ ସେ ଗଭୀର ଜଳରାଶିକୁ ଚାଲିଯାଇ ବୁଡି ଯାଇଥିଲେ। ତାଙ୍କ ସହ ଥିବା ସାଥୀମାନେ ଭୟଭୀତ ହୋଇ ଗ୍ରାମକୁ ଆସି ଖବର ଦେଇଥିଲେ। ଗ୍ରାମବାସୀ ଓ ପରିବାର ଲୋକେ ନନ୍ଦପୁର ଅଗ୍ନିଶମ ବାହିନୀ ଓ ପୋଲିସ ଦଳକୁ ଖବର ଦେଇ ପରେ ନଦୀଘାଟକୁ ଯାଇ ପାଣିରେ ଖୋଜାଖୋଜି କରିଥିଲେ। ତାଙ୍କୁ ଉଦ୍ଧାର କରି କୂଳକୁ ଆଣି ଦେଖିବା ବେଳକୁ ରବିନ୍ଦ୍ରଙ୍କ ମୃତ୍ୟୁ ହୋଇସାରିଥିଲା। ପରିବାର ଲୋକଙ୍କ ଏତଲାକ୍ରମେ ନନ୍ଦପୁର ପୋଲିସ ୧୮ ?୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନାଧିକାରୀ ପ୍ରଫୁଲ୍ଲ ଲାକ୍ରା କହିଛନ୍ତି। ତହସିଲଦାର ନରସିଂହ ଗାଦବା ରାଜସ୍ୱ ନିରୀକ୍ଷକ ପଣ୍ଡେଇ ମହାନ୍ତିଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ପରେ ପରିବାରକୁ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ତହସିଲଦାର ଗାଦବା କହିଛନ୍ତି।

## ସାପ୍ତାହିକ ହାଟରୁ ବାଇକ୍ ଚୋରି

**ଦଶମନ୍ତପୁର, ୧୭।୬(ଅରବିନ୍ଦ ନାୟକ)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗିର୍ଲିଗୁମ୍ମା ପଞ୍ଚାୟତ ହାଟପଦାଠାରେ ବସୁଥିବା ସାପ୍ତାହିକ ହାଟରୁ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ବାଇକ୍ ଚୋରି ହୋଇଛି। ନୂଆଗୁଡ଼ା ଗ୍ରାମର ଅର୍ଜୁନ ଦଣ୍ଡସେନା ହାଟ ନିକଟସ୍ଥ ଏକ ୱେଲଡିଂ ଦୋକାନ ସମ୍ମୁଖରେ ତାଙ୍କ ବାଇକ୍ (ଓଡି ୧୦ବି ୬୭୮୩) ରଖି ହାଟରୁ କିଛି ସାମଗ୍ରୀ କିଣିବାକୁ ଯାଇଥିଲେ। ଆବଶ୍ୟକ ସାମଗ୍ରୀ କିଣିସାରି ସେ ବାଇକ୍ ରଖିଥିବା ସ୍ଥାନକୁ ଆସି ଦେଖିବା ବେଳକୁ ତାଙ୍କ ବାଇକ୍ ନ ଥିଲା। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ବାଇକ୍ ନ ପାଇ ଅର୍ଜୁନ ଏନେଇ ଦଶମନ୍ତପୁର ଥାନାରେ ଅଭିଯୋଗ କରିଛନ୍ତି। ଏତଲାକୁ ଭିତ୍ତିକରି ଥାନା ଅଧିକାରୀ ଚନ୍ଦ୍ରଭାନୁ ମହାନ୍ତିଙ୍କ ନିର୍ଦ୍ଦେଶରେ ସେକେଣ୍ଡ ଅଫିସର ନିର୍ମଳା ଲିମା ଘଟଣାର ତଦନ୍ତ କରୁଛନ୍ତି। ଏହି ସାପ୍ତାହିକ ହାଟରେ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ଯାଏ ପୋଲିସ ମୁତୟନ କରିବାକୁ ସାଧାରଣରେ ଦାବି ହେଉଛି।

## ଶହୀଦ ଲକ୍ଷ୍ମଣ ନାୟକ ପଡ଼ିଆକୁ ମିଳିଥିବା ଲିଜ୍ ପଟ୍ଟା ରଦ୍ଦ ଦାବି

**ଜୟପୁର, ୧୭।୬ (ପବନ ପାଣିଗ୍ରାହୀ)**

ଶହୀଦ ଲକ୍ଷ୍ମଣ ନାୟକ ପଡ଼ିଆକୁ ମିଳିଥିବା ଲିଜ ପଟ୍ଟା ରଦ୍ଦ କରିବାକୁ ଶହୀଦ ଲକ୍ଷ୍ମଣ ନାୟକ ମୂଳ ଅଧିବାସୀ ସଂଘ ଶନିବାର ଦାବି କରିଛି। ଏନେଇ ସଂଘ କର୍ମକର୍ତ୍ତା ଉପଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। କୁନ୍ଦୁରା ତହସିଲ ଅନ୍ତର୍ଗତ ସାଗରଗୁଡ଼ାସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ପଡ଼ିଆକୁ ଲିଜ୍ ପଟ୍ଟା ଆକାରରେ ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଛି। ଏହି ପଟ୍ଟାକୁ ରଦ୍ଦ କରାଯାଇ ଶହୀଦ ଲକ୍ଷ୍ମଣ ନାୟକ ମୂଳ ଅଧିବାସୀ ସଂଘ କୁନ୍ଦୁରା ନାମରେ ପଟ୍ଟା ପ୍ରଦାନ କରିବାକୁ ସଂଘ ଦାବି କରିଛି। କୁନ୍ଦୁରାରର ସାଗରଗୁଡାସ୍ଥିତ ଏହି ପଡିଆ ଆଜିକୁ ୩୦ରୁ ୩୨ ବର୍ଷ ହେଲା ଶହୀଦ ଲକ୍ଷ୍ମଣ ନାୟକ ମୂଳ ଅଧିବାସୀ ସଂଘ ଦଖଲରେ ରହିଛି । ଉକ୍ତ ପଡିଆରେ ମହାତ୍ମା ଗାନ୍ଧୀ, ଆମ୍ବେଡକର ଓ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି । ଏହି ସ୍ଥାନରେ ବିଭିନ୍ନ ସମୟରେ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି। ଭୂମିଆ ସମାଜ, ଭତରା ସମାଜ, କନ୍ଧ ସମାଜ, ପେଣ୍ଠିଆ ସମାଜ, ପରଜା ସମାଜ, ଦୁରୁଆ ସମାଜ, କମାର ସମାଜ, ରଣା ସମାଜ ସେମାନଙ୍କ ବାର୍ଷିକ ସମ୍ମିଳନୀ କରୁଛନ୍ତି। ଚଇତି ପରବ, ପୁଷ୍‌ପୁନି ଭେଟଘାଟ, ଦିଆଲି ପରବ ଭେଟଘାଟ ଲକ୍ଷ୍ମଣ ନାୟକ ଜୟନ୍ତୀ ଭଳି କାର୍ଯ୍ୟକ୍ରମ ମଧ ଉକ୍ତ ପଡିଆରେ ହେଉଛି। ଏବେ ଏହି ପଡ଼ିଆକୁ କେତେଜଣ ଧନୀ ଶ୍ରେଣୀର ଲୋକଙ୍କୁ ଲିଜ୍ ପଟ୍ଟା ଆକାରରେ ଘରଡିହ ପଟ୍ଟା ପ୍ରଦାନ କରାଯାଇଛି । ଏହାକୁ ରଦ୍ଦ କରିବାକୁ ସଂଘ ସଭାପତି ମହେଶ୍ୱର ପେଣ୍ଠିଆ, ସାଧାରଣ ସମ୍ପାଦକ ତ୍ରିନାଥ ସମରଥଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ ଦାବି କରିଛନ୍ତି।


ପଟ୍ଟା ରଦ୍ଦ ନେଇ ଉପଜିଲାପାଳଙ୍କୁ ଭେଟିବାକୁ ଆସିଥିବା ସଂଘ କର୍ମକର୍ତ୍ତା।

## ବ୍ରିଜ୍ ତଳକୁ ଓଲଟିଲା ସିମେଣ୍ଟ ପ୍ଲେଟ୍ ବୋଝେଇ ଟ୍ରକ୍

**ନନ୍ଦପୁର ୧୭।୬ (ଶଙ୍କର ପୂଜାରୀ)–**

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଦେଇ ଯାଇଥିବା ବିଶାଖାପାଟଣା–ଜୟପୁର ରାଜ୍ୟ ରାଜପଥର ସୁବୁଲାର ଗ୍ରାମ ନିକଟସ୍ଥ ବ୍ରିଜଠାରେ ଗୁରୁବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣା ଘଟିଛି। ବ୍ରିଜ୍ ତଳକୁ ଏକ ସିମେଣ୍ଟ ପ୍ଲେଟ ବୋଝେଇ ଟ୍ରକ (ଏପି୦୫ ଟିସି- ୨୭୩୭) ଭାରସାମ୍ୟ ହରାଇ ଖସି ପଡଛି। ଟ୍ରକ ଚାଳକ ଶ୍ରୀନୁ ନରସିଂହ ରାଓଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପାଡୁଆ ପୋଲିସ ୧୦୮ ଆମ୍ବୁଲାନ୍ସ ଯୋଗେ କୋରାପୁଟ ମେଡିକାଲ କଲେଜକୁ ପଠାଇଥିଲା। ଦୁର୍ଘଟଣାରେ ଟ୍ରକଚାଳକଙ୍କ ଗୋଡ ହାତ ଭାଙ୍ଗି ଯାଇଛି। ତାଙ୍କ ଅଣ୍ଟାରେ ମଧ ଆଘାତ ଲାଗିଥିବା ଡାକ୍ତର କହିଛନ୍ତି। ଟ୍ରକ ଚାଳକ ନିଜେ ଗାଡ଼ି ମାଲିକ ଏବଂ ଆନ୍ଧ୍ର ଏସ୍କୋଟା ଅଞ୍ଚଳରେ ତାଙ୍କଘର। ନରସିଂହଙ୍କ ପରିବାର ଲୋକଙ୍କୁ ଟ୍ରକ୍



ଦୁର୍ଘଟଣା ସମ୍ପର୍କରେ ଅବଗତ କରାଯାଇଛି। ପାଡୁଆ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ କହିଛନ୍ତି।

## ଡିଆରସିଏସ୍‌ଙ୍କ କାର୍ଯ୍ୟାଳୟରେ ଜମାକାରୀ ପକାଇଲେ ତାଲା



ଡିଆରସିଏସ୍‌ଙ୍କ କାର୍ଯ୍ୟାଳୟରେ ତାଲା ପକାଇଥିବା ଜମକାରୀ।

**ଜୟପୁର ୧୭।୬ (ପବନ ପାଣିଗ୍ରାହୀ)**

ଜୟପୁର ସହରରେ ଥିବା ଲାଇଫ ଲାଇନ ସମବାୟ ସମିତିରେ ଅର୍ଥ ଜମା କରିଥିବା ଜମାକାରୀମାନେ ଶନିବାର ଡିଆରସିଏସ୍‌ଙ୍କ କାର୍ଯ୍ୟାଳୟରେ ତାଲା ପକାଇଛନ୍ତି। ଛୋଟ ଛୋଟ ବ୍ୟବସାୟ କରି ଗୁଜୁରାଣ ମେଣ୍ଟାଉଥିବା ଏହି ଜମାକାରୀମାନେ ଲାଇଫ ଲାଇନ ସମବାୟ ସମିତିରେ ପ୍ରତ୍ୟେହ ଶହେ, ୨ ଶହ ଲେଖାଏ ଟଙ୍କା ଜମା କରୁଥିଲେ। ଟଙ୍କା ଜମା କରିବା ଅବଧି ଶେଷ ହୋଇଥିଲେ ସୁଦ୍ଧା ସେମାନଙ୍କୁ ଆବଶ୍ୟକ ଟଙ୍କା ମିଳୁନାହିଁ। ଏ ସମ୍ପର୍କରେ ଡିଆରସିଏସ୍ ଓ ଏଆରସିଏସ୍‌ଙ୍କ ଦ୍ୱାରସ୍ଥ ହୋଇ ଜଣାଇଥିଲେ ମଧ ସେ ଏ ଦିଗରେ କୌଣସି ପଦକ୍ଷେପ ନ ନେବାରୁ ସେମାନେ ବାଧ ହୋଇ ଡିଆରସିଏସ୍‌ଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଦେଇଛନ୍ତି। ଜମାକାରୀ କହିଛନ୍ତି, ସୋସାଇଟିର ଆର୍ଥିକ ତୋଷରପାତ ହୋଇଛି। ଏସବୁ ପାଇଁ ଦାୟୀ ସମ୍ପାଦକ। ଆମର ୬୫ ଲକ୍ଷ ଟଙ୍କା ବାକି ପଡିଛି। ଅର୍ଥ ନ ପାଇବାରୁ ତାଲା ପକାଇଲୁ।

## ଅବକାରୀ ଚଢ଼ାଉ, ୨ଶହ ଲିଟର ଦେଶୀମଦ ଜବତ

**ଜୟପୁର, ୧୭।୬ (ପବନ ପାଣିଗ୍ରାହୀ)**

ଜୟପୁର ସଦର ଥାନା ଅନ୍ତର୍ଗତ କଳାଗୁଡା ଜଙ୍ଗଲରେ ଅବକାରୀ ବିଭାଗ କର୍ମଚାରୀମାନେ ଶନିବାର ଚଢ଼ାଉ କରି ୨୫ ଶହ ଲିଟର ପୋଚ ଓ ୨ ଶହ ଲିଟର ଦେଶୀ ମଦ ଜବତ କରିଛନ୍ତି। ଚୋରା ମଦ ବ୍ୟବସାୟୀ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ଏହି ଚଢ଼ାଉ କରାଯାଇଥିଲା। ତେବେ ଚଢ଼ାଉ ସମ୍ପର୍କରେ ଆଗୁଆ ସୂଚନା ପାଇ ମଦ ବ୍ୟବସାୟୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। କର୍ମଚାରୀମାନେ ବହୁ ମଦଭାଟି ଭାଙ୍ଗି ମଦରନ୍ଧା ସରଞ୍ଜାମ ଜବତ କରିଥିବା ଓଆଇସି ସଞ୍ଜୟ କାଣ୍ଡି କହିଛନ୍ତି।

## ବାଲ୍ୟବିବାହ, ଶିଶୁ ଶ୍ରମିକ ରୋକିବାକୁ ପ୍ରୟାସ

**କୁନ୍ଦୁରା, ୧୭।୬ (ସନ୍ତୋଷ ପ୍ରହରାଜ)**

**ଜିଲା ପୋଲିସ ପକ୍ଷରୁ ଶିଶୁ ସଚେତନତା କାର୍ଯ୍ୟକ୍ରମ**

କୋରାପୁଟ ଜିଲା କୁନ୍ଦୁରା ବ୍ଲକର ଶ୍ରୀ ଅରୋବିନ୍ଦ ଶିକ୍ଷାନିକେତନଠାରେ କୁନ୍ଦୁରା ପୋଲିସ ସହାୟତାରେ ଶନିବାର ଜିଲା ପୋଲିସ ଦିନିକିଆ ଶିଶୁ ସଚେତନତା କାର୍ଯ୍ୟକ୍ରମ କରିଛି। ଏଥିରେ ଡିଏସ୍‌ପି ସୁମିତ୍ରା ଜେନା ମୁଖ୍ୟ ଅତିଥି, ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ଅଧକ୍ଷ ହୃଦୟ ରଞ୍ଜନ ପଣ୍ଡା, ଥାନା ଅଧିକାରୀ ସମର୍ପିତା ସ୍ୱାଇଁ, କୁନ୍ଦୁରା ସରପଞ୍ଚ ଲବ ପରଜା, ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଅତିଥିମାନେ ଉପସ୍ଥିତ ଥିବା ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ବାଲ୍ୟବିବାହ ଏବଂ ଶିଶୁ ଶ୍ରମିକ ରୋକିବା ଲାଗି ପରାମର୍ଶ ଦେଇଥିଲେ। ବିଭିନ୍ନ ସମୟରେ ଗ୍ରାମାଞ୍ଚଳଗୁଡିକରେ ପରିବାର ଲୋକେ ଝିଅପୁଅଙ୍କୁ ନାବାଳକ ଅବସ୍ଥାରେ ବିବାହକରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିରୁ ନିବୃତ୍ତ ରହି ସରକାରୀ ନିୟମ ଅନୁସାରେ ଝିଅପୁଅଙ୍କ ବିବାହ କରିବା ଲାଗି ମୁଖ୍ୟ ଅତିଥି ଜେନା ବୁଝାଇଥିଲେ। ସେହିଭଳି ଟଙ୍କା ଲୋଭ ଦେଖାଇ ଶିଶୁମାନଙ୍କୁ ବାହାର ରାଜ୍ୟକୁ ନେଇ କେତେଜଣ ବ୍ୟକ୍ତି ସେମାନଙ୍କୁ ଶିଶୁ ଶ୍ରମିକ ରୂପେ ନିୟୋଜିତ କରୁଛନ୍ତି। ଏହା ବନ୍ଦ ହେବା ଉଚିତ୍ ବୋଲି ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ସୂଚନାଯୋଗ୍ୟ, ନାବାଳିକାମାନେ ବଳାତ୍କାରର ଶିକାର ହେଲେ ସେମାନଙ୍କ ପାଇଁ ରହିଥିବା ପୋକ୍ସୋ ଆଇନ ସମ୍ପର୍କରେ ଅତିଥିମାନେ ସମସ୍ତଙ୍କୁ ଅବଗତ କରାଇଥିଲେ।


ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀ,ଗ୍ରାମବାସୀ ଓ ଅନ୍ୟମାନେ।

## ସେମିଳିଗୁଡ଼ାରେ ଖୋଲିଲା ଆଇଏଏସ୍ ପ୍ରଶିକ୍ଷଣ କେନ୍ଦ୍ର

**କୋରାପୁଟ/ସୁନାବେଡ଼ା/ ସେମିଳିଗୁଡ଼ା, ୧୭।୬ (ଅମିତାଭ ବେହେରା/ କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)**

- ପ୍ରଥମ ବର୍ଷ ୩୦ ଛାତ୍ରୀଛାତ୍ରଙ୍କୁ ନିଆଯିବ
- ଜିଲାପାଳ ରହିବେ କେନ୍ଦ୍ରର ଅଧକ୍ଷ
- ଛାତ୍ରୀ,ଅଧାପକ ଚୟନ କରିବେ ଜିଲା ପ୍ରଶାସନ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ



ଉଦ୍‌ଘାଟିତ ହୋଇଥିବା ଶହୀଦ ଲକ୍ଷ୍ମଣ ନାୟକ କମ୍ପିଟେଟିଭ୍ ଏକ୍‌ଜାମ୍ ସେଣ୍ଟର।

ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ପରୀକ୍ଷାରେ କୃତକାର୍ଯ୍ୟ ହେବା ନେଇ ଶିକ୍ଷା ଦେବାକୁ ଏକ କୋଚିଂ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ଆଦିବାସୀ ବହୁଳ କୋରାପୁଟ ଜିଲାର ଛାତ୍ରୀଛାତ୍ରମାନେ ଏଣିକି ମାଗଣାରେ ଏନେଇ କୋଚିଂ ପାଇବେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ କୋରାପୁଟ ଜିଲା ଯୋଜନା କମିଟି ଅଧକ୍ଷ ତଥା ବିଧାୟକ ରଘୁରାମ ପଡ଼ାଲ, ସମ୍ମାନିତ ଅତିଥି ରୂପେ ଉପଜିଲାପାଳ ପ୍ରଥମେଶ ରାଜ ଶିର୍‌କେ, ସୁନାବେଡ଼ା ପୌରାଧକ୍ଷ ଡ. ରାଜେନ୍ଦ୍ର ପାତ୍ର, ଉପାଧକ୍ଷା ରତ୍ନୁ କଣ୍ଟା ଯୋଗ ଦେଇଥିଲେ। ଏହି ଅବସରରେ କୋରାପୁଟ ଜିଲାର ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ୟୁପିଏସ୍‌ସି ଦ୍ୱାରା ପରିଚାଳିତ ଆଇଏଏସ୍ ପରୀକ୍ଷାରେ ଜିଲାର ଛାତ୍ରୀଛାତ୍ରମାନେ କିପରି ସଫଳତା ପାଇ ଜିଲା ପାଇଁ ସୁନାମ ଆଣିବେ ସେନେଇ ଏହି ଅନୁଷ୍ଠାନ କାର୍ଯ୍ୟ କରିବ ବୋଲି ପଟ୍ଟାଙ୍ଗି ବିଧାୟକ ପୀତମ ପାଢ଼ୀ କହିଛନ୍ତି। ଏହି ଶିକ୍ଷାକେନ୍ଦ୍ର ସମ୍ପର୍କରେ ବିଧାୟକ ପଡ଼ାଲ ଓ ବିଧାୟକ ପାଢ଼ୀ ପୂର୍ବରୁ ଜିଲାପାଳ ଅବଦାଲ ଏମ୍. ଅଖତରଙ୍କୁ ଭେଟି ଆଲୋଚନା କରିଥିଲେ। ବର୍ତ୍ତମାନ ପାଇଁ ସେମିଳିଗୁଡ଼ାସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରର ନାମ ପରିବର୍ତ୍ତନକରି ଶହୀଦ ଲକ୍ଷ୍ମଣ ନାୟକ ପ୍ରତିଯୋଗିତାମୂଳକ ଅନୁଶିକ୍ଷଣ କେନ୍ଦ୍ର କରାଯାଇଛି। ଏହି କେନ୍ଦ୍ରରେ ପ୍ରଥମ ବର୍ଷ ୩୦ଜଣ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରଦାନ କରାଯିବ। ପରେ ଏହାକୁ ବୃଦ୍ଧି କରାଯାଇ ୭୦ରେ ପରିଣତ କରାଯିବ ବୋଲି ଉପଜିଲାପାଳ ଶିର୍‌କେ ସୂଚନା ଦେଇଛନ୍ତି। ଶିକ୍ଷାଦାନ ଲାଗି ଜିଲା ପ୍ରଶାସନ, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଚୁକ୍ତିନାମା କରାଯାଇଛି। ସେମାନେ ଛାତ୍ରୀଛାତ୍ର ଓ ଅଧାପକମାନଙ୍କୁ ଚୟନ କରିବେ। ଖଣି ପ୍ରଭାବିତ ଅଞ୍ଚଳରୁ ୬୦ ପ୍ରତିଶତ ଓ ଜିଲାର ଅନ୍ୟ ଅଞ୍ଚଳରୁ ୪୦ ପ୍ରତିଶତ ଛାତ୍ରୀଛାତ୍ରଙ୍କୁ ଚୟନ କରାଯିବା ବ୍ୟବସ୍ଥା ରହିଛି ବୋଲି ଶିର୍‌କେ କହିଛନ୍ତି। ଶୁକ୍ରବାର ଉଦ୍‌ଘାଟିତ ଏହି ଏସ୍ଆଇଏନ୍‌ସିଇସି(ଶହୀଦ ଲକ୍ଷ୍ମଣ ନାୟକ କମ୍ପିଟେଟିଭ୍ ଏକ୍‌ଜାମ୍ ସେଣ୍ଟର)ଅଧକ୍ଷ ରୂପେ ଜିଲାପାଳ ରହିବେ। ପରିଚାଳନା ଲାଗି ଜିଲା ଖଣିଜ ପାଣ୍ଠିରୁ ଅର୍ଥ ବ୍ୟୟ ହେବ। ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର କପିଳ ଖେମୁଣ୍ଡୁ, ମେଡିକାଲ କଲେଜର କୋଅର୍ଡିନେଟର ଡ. ଚନ୍ଦ୍ରା ଖେମୁଣ୍ଡୁ, ସେମିଳିଗୁଡ଼ା କଲେଜର ଅବସରପ୍ରାପ୍ତ ପ୍ରଫେସର ଚିତ୍ତରଞ୍ଜନ ମିଶ୍ର, ସୁନାବେଡ଼ା ପୌର ପରିଷଦର ସମସ୍ତ କାଉନସିଲର, ପଟ୍ଟାଙ୍ଗି ବିଧାୟକ ପ୍ରତିନିଧି ଭଗବାନ ପେଟିଆ, ଯନ୍ତ୍ରୀ ଶିବପ୍ରସାଦ ପାଢ଼ୀ, ଅନନ୍ତ ସେନାପତି , ପିତାଗୁଡା ସରପଞ୍ଚ ପ୍ରତିନିଧି ଦଇତାରି କାନ୍ଦୁଲପୁଲ ଉପସ୍ଥିତ ଥିଲେ ।

# ଗାଡ଼ି ପାର୍କିଂକୁ ନେଇ ଗୋଷ୍ଠୀ ସଂଘର୍ଷ

**ରାୟଗଡା ଅଫିସ,୧୭।୬ (ଭାଗ୍ୟଶ୍ରୀ ମିଶ୍ର)**

ଗାଡ଼ି ପାର୍କିଂକୁ ନେଇ ରାୟଗଡା ସହରର ଦୁଇ ସାହି ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଦେଖାଦେଇଛି। ରାୟଗଡ଼ାର ରେଲି ସାହି ଆରକେ ନଗରର ଯୁବକ ଏବଂ ନୂଆ ସାହି ଯୁବକଙ୍କ ମଧ୍ୟରେ ବଚସା ପରେ ମାରପିଟ ହୋଇଥିବା ଜଣାପଡ଼ିଛି ।

ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ରେଲି ସାହିର ଆଞ୍ଜି ମାଝୀ (୧୮) ନିଜ ସାଙ୍ଗକୁ ଛାଡିବାକୁ ନୂଆସାହି ଯାଇଥିବା ସମୟରେ ଗାଡି ପାର୍କିଂକୁ ନେଇ ଉକ୍ତ ସାହିର କିଛି ଯୁବକଙ୍କ ସହ ବଚସା ହୋଇଥିଲା।


ରାୟଗଡ଼ାର ରେଲି ସାହି ବାସିନ୍ଦା ଥାନାକୁ ଏତଲା ଦେବାକୁ ଆସିଛନ୍ତି ।

**ରେଲି ସାହି, ନୂଆ ସାହି ଯୁବକଙ୍କ ମଧ୍ୟରେ ମାରପିଟ୍**

ପରେ ନୂଆସାହିର କିଛି ଯୁବକ ଆଞ୍ଜିଙ୍କୁ ମାରପିଟ କରିଥିଲେ। ଏହାପରେ ଆଞ୍ଜି ରେଲି ସାହିକୁ ଆସି ତାଙ୍କୁ ନୂଆସାହି ଲୋକେ ମାରପିଟ କରିଥିବା ତାଙ୍କ ସାହି ଲୋକଙ୍କୁ କହିଥିଲେ। ଖବରପାଇ ରେଲି ସାହିର କିଛି ଯୁବକ ନୂଆସାହିକୁ ଆସି ମାରଣାସ୍ତ୍ର ସାହାଯ୍ୟରେ ଲୋକଙ୍କୁ ମାରପିଟ କରିବା ସହ ବସ୍ତିର ଶୌଚାଳୟ ଘର ଭାଙ୍ଗି ଦେଇଥିଲେ। ଏଥିସହ ସାହି ଭିତରେ ଥିବା ଅଟୋ ଓ ବାଇକ୍‌କୁ ଭାଙ୍ଗି ଚୁରମାର କରି ଦେଇଥିବା ନୂଆସାହିବାସୀ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସିସି ଟିଭି ଫୁଟେଜରେ ଏହି ଘଟଣା କଏଦ ଥିବାବେଳେ ପୋଲିସ ଏହାକୁ ଆଧାର କରି ଛାନଭିନ୍ କରୁଛି। ସେପଟେ ଶନିବାର ସକାଳୁ ରେଲି ସାହିର ଆଞ୍ଜି ମାଝୀ ରାୟଗଡା ଟାଉନ ଥାନାରେ ପହଞ୍ଚି ତାଙ୍କୁ ନୂଆସାହି ଲୋକେ ମାରପିଟ୍ କରିଥିବା ଲିଖିତ ଅଭିଯୋଗ କରି ନ୍ୟାୟ ଦାବି କରିଛନ୍ତି।

# ଅଙ୍ଗନୱାଡି ସାମଗ୍ରୀ ବଣ୍ଟନରେ ଅନିୟମିତତା ଅଭିଯୋଗ

**ବିଷମ କଟକ, ୧୭।୬ (ବିଭୁତି ଭୂଷଣ ନାୟକ)**

କୋମଳମତି ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ଉଦ୍ଦେଶ୍ୟରେ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ୬ ମାସରୁ ୩ ବର୍ଷର ଶିଶୁମାନଙ୍କୁ ମାସକୁ ୧୨ଟି ଅଣ୍ଡା, ୨୪୫୦ ଗ୍ରାମ ଛତୁଆ ଓ ୧୩୫୦ ଗ୍ରାମର ସୁଜି ହାଲୁଆର ଏକ ମିଶ୍ରଣ ପ୍ରଦାନ କରାଯାଉଛି। ହେଲେ ରାୟଗଡା ଜିଲା ବିଷମକଟକ ବ୍ଲକରେ ଛତୁଆ ଦୁର୍ନୀତି ତଦନ୍ତର ସବିଶେଷ ରିପୋର୍ଟ ସାର୍ବଜନୀନ ହୋଇ ନ ଥିବାବେଳେ ପୁଣି ସୁଜି ହାଲୁଆ ସାମଗ୍ରୀ ବଣ୍ଟନରେ ଦୁର୍ନୀତି ହେଉଥିବା ଅଭିଯୋଗ ଆସିଛି।

ବିଷମକଟକ ବ୍ଲକରେ ୧୭୨ଟି ଅଙ୍ଗନବାଡି କେନ୍ଦ୍ର ଥିବାବେଳେ ୬ ମାସରୁ ୩ ବର୍ଷର ୧୦ ହଜାର ଶିଶୁଙ୍କ ନାମ ପଞ୍ଜୀକୃତ ହୋଇଛି। ଉକ୍ତ ଖାଦ୍ୟ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚିପାରୁ ନ ଥିବାବେଳେ ବିଭାଗୀୟ ଅଧିକାରୀ ଏବଂ ଠିକା ସଂସ୍ଥା ମିଳିତ ଭାବେ ହରିଲୁଟ କରୁଥିବା ଅଭିଯୋଗ ହେଉଛି। ସୁଜି, ଚିନି, ବେସନ ଏବଂ ତେଲର ଏକ ମିଶ୍ରଣ ପ୍ରସ୍ତୁତ କରି ପିଲା ପିଛା ୧୩୫୦ ଗ୍ରାମ୍ ଦେବାକୁ ଧାର୍ଯ୍ୟ ହୋଇଥିବାବେଳେ ଠିକା ସଂସ୍ଥା ୧ କେଜିରୁ କମ୍ ପରିମାଣର ଖାଲି ସୁଜି ପ୍ୟାକେଟ ପ୍ରଦାନ କରଥିବା ଅଭିଯୋଗ ହେଉଛି। କିନ୍ତୁ ଏହି ପ୍ୟାକେଟ ଉପରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସମସ୍ତ ସୂଚନା ଲିପିବଦ୍ଧ ରହିଛି । ଏ ନେଇ ହିତାଧିକାରୀମାନେ ଅଙ୍ଗନବାଡି କର୍ମୀଙ୍କ ନିକଟରେ ଅଭିଯୋଗ କଲେ ଯାହା ଆସୁଛି ତାହା ପ୍ରଦାନ କରାଯାଉଥିବା ସେମାନେ କହୁଛନ୍ତି। ଯେଉଁ ଅଙ୍ଗନୱାଡି କର୍ମୀମାନେ ଅନିୟମିତତା ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି ସେମାନଙ୍କୁ ବିଭାଗୀୟ ଅଧିକାରୀମାନେ ନାଲି ଆଖି ଦେଖାଇ ଚୁପ୍ କରାଇ ଦେଉଥିବା ଅଭିଯୋଗ ହେଉଛି।

ବିଷମ କଟକ ବ୍ଲକର ୧୭୨ଟି ଅଙ୍ଗନବାଡି କେନ୍ଦ୍ରକୁ ୭ ଟି ସେକ୍ଟରରେ ବିଭକ୍ତ କରାଯାଇଛି । ଏହି ୭ଟି ସେକ୍ଟରକୁ ୫ଜଣ ସୁପରଭାଇଜର ଦାୟିତ୍ୱରେ ରହିଛନ୍ତି। ସୁପରଭାଇଜରଙ୍କ ଉପସ୍ଥିତିରେ ହିଁ ସମସ୍ତ ପୁଷ୍ଟିକର ଖାଦ୍ୟ ହିତାଧିକାରୀଙ୍କୁ ପ୍ରଦାନ କରିବା ନିମନ୍ତେ ନିୟମ ରହିଛି। କିନ୍ତୁ ଏହି ନିର୍ଦ୍ଦେଶକୁ ପ୍ରକୃତ ପକ୍ଷେ କାର୍ଯ୍ୟକାରୀ ହେଉନ ତବବା କୁହାଯାଉଛି। ଏ ସମ୍ପର୍କରେ ସିଡିପିଓ ସୁଶୀଳା ଶିଳରଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ , ସାମଗ୍ରୀର ଧାର୍ଯ୍ୟ ପରିମାଣଠାରୁ କମ୍ ହିତାଧିକାରୀଙ୍କୁ ପ୍ରଦାନ କରାଯାଉଥିବା କଥା ସେ ଜାଣି ନ ଥିବା କହିଛନ୍ତି। ପିଲାଙ୍କ ଖାଦ୍ୟ ଯୋଗାଣ ବ୍ୟବସ୍ଥାର ସମସ୍ତ ଦାୟିତ କ୍ଲଷ୍ଟର ସୁପରଭାଇଜରଙ୍କ ଉପରେ ନ୍ୟସ୍ତ କରାଯାଇଛି । ଯଦି ନିର୍ଦ୍ଧାରିତ ସାମଗ୍ରୀ ପ୍ରଦାନ କରାଯାଉନାହିଁ, ତେବେ ଏହା ତଦନ୍ତ ସାପେକ୍ଷ ବୋଲି ସେ କହିଛନ୍ତି। କୋମଳମତି ଶିଶୁଙ୍କ ଖାଦ୍ୟରେ ହେଉଥିବା ବ୍ୟାପକ ଅନିୟମିତା ସମ୍ବନ୍ଧରେ ଅଙ୍ଗନୱାଡି ସଂଘ ସଭାପତି ଏବଂ ସମ୍ପାଦକ ସ୍ୱୀକାର କରିବା ସହ ନିୟମିତ ଭାବେ ମାସିକ ବୈଠକରେ ସିଡିପିଓ ଏବଂ ସୁପରଭାଇଜରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ବି କୌଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ସେମାନେ ଅଭିଯୋଗ ହେଉଛି। ଏ ସମ୍ପର୍କରେ ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକଙ୍କୁ ପଚାରିବାରୁ, ଏହି ଘଟଣାର ତଦନ୍ତ କରାଯାଇ ଏ ସମ୍ବନ୍ଧରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରବେ ବୋଲି ସେ କହିଛନ୍ତି।

# ଶେଷ ପର୍ଯ୍ୟାୟରେ ରଥଯାତ୍ରା ପ୍ରସ୍ତୁତି

**ଆକର୍ଷଣ ସାଜିଛି ଗୁଣପୁର ବଡଦାଣ୍ଡରେ ପଡ଼ିଥିବା ଝୋଟି**

**ଗୁଣପୁର,୧୭।୬( ପ୍ରଦୀପ କୁମାର ପାଢ଼ୀ)**

ରାୟଗଡା ଜିଲା ଗୁଣପୁର ରଥଯାତ୍ରାର ସମସ୍ତ କାର୍ଯ୍ୟର ସମୀକ୍ଷା ତଥା ଅଗ୍ରଗତି ନିମନ୍ତେ ଶନିବାର ଉପଜିଲାପାଳଙ୍କ ସଦଭାବନା ଗୃହଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ତେବେ ରଥଯାତ୍ରା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡ଼ିଛି । ବଡଦାଣ୍ଡରେ ଝୋଟି ଚିତ୍ର ଚଳିତ ବର୍ଷର ଆକର୍ଷଣ ରହିଛି । ରଥଯାତ୍ରାକୁ ସୁନ୍ଦର ଏବଂ ଆକର୍ଷଣୀୟ କରିବା ପାଇଁ ପ୍ରଥମ କରି ବଡଦାଣ୍ଡରେ ଝୋଟି ଅଙ୍କାଯାଇଥିବା କୁହାଯାଇଛି। ସମୀକ୍ଷା ବୈଠରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଉପ ଜିଲାପାଳ ଲଳିତ କୁମାର କହଁର, ମନ୍ଦିର ପରିଚାଳନା କମିଟିର ଅଧକ୍ଷ ଡ.ସତ୍ୟ ପ୍ରକାଶ ପଣ୍ଡା,ପୌର ପରିଷଦର ଅଧକ୍ଷା ମମତା ଗୌଡ, ତହସିଲଦାର ଶରତ ଚନ୍ଦ୍ର ନାୟକ, ଜିଆଇଇଟି ବିଶ୍ୱ ବିଦ୍ୟାଳୟର ଉପାଧକ୍ଷ ଡ.ଚନ୍ଦ୍ର ଧ୍ୱଜ ପଣ୍ଡା, ପୌର ପରିଷଦର ନିର୍ବାହି ଅଧିକାରୀ ଡ.ସତ୍ୟ ସମ୍ପୂର୍ଣ୍ଣା ରାଉତ ପ୍ରମୁଖ ଉପସ୍ଥିତ ରହି କିଭଳି ଶାନ୍ତିଶୃଙ୍ଖଳା ସହ ରଥଯାତ୍ରା ପାଳନ ହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ।


ରଥଯାତ୍ରା ଉପଲକ୍ଷେ ଗୁଣପୁର ବଡଦାଣ୍ଡରେ ଝୋଟି ପକାଯାଉଛି ।

ଆସନ୍ତା ୨୦ ତାରିଖରେ ରଥଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରତିବର୍ଷ ଭଳି ପରମ୍ପରା ମୁତାବକ ପୂର୍ବ ଦିନ ଅର୍ଥାତ ୧୯ ତାରିଖରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନବଯୌବନ ବେଶ ଅନୁଷ୍ଠିତ ହେବ। ରଥଯାତ୍ରା ମଧ୍ୟାହ୍ନରେ ରଥ ପୂଜା ନୀତି ହେବ । ଏହାପରେ ମନ୍ଦିରରେ ସମସ୍ତ ରିତିନୀତି କରାଯାଇ ଶ୍ରୀଜିଉଙ୍କୁ ପହଣ୍ଡିରେ ଅଣାଯାଇ ରଥରେ ବିରାଜମାନ କରାଯିବ। ୪ ଟାରେ ରଥଟଣା ନୀତି ହେବ । ବଡରଥ ଟଣା ହେବା ପରେ ସାନ ରଥକୁ ମହିଳାମାନେ ଟାଣି ଟାଣି ଗୁଣ୍ଡିଚା ମନ୍ଦିରକୁ ନେବେ ବୋଲି ବୈଠକରେ ଆଲୋଚନା ହୋଇଥିଲା। ରଥ ନିର୍ମାଣ କାର୍ଯ୍ୟ ସରି ଥିବାବେଳେ ରଥରେ ରଙ୍ଗ ଦିଆ କାର୍ଯ୍ୟ ମଧ୍ୟ ଶେଷ ହୋଇଛି ବୋଲି ବୈଠକରେ ସୂଚନା ଦିଆଯାଇଛି। ଠାକୁର ଏବେ ଅଣସର ଗୃହରେ ରହିଥିବାବେଳେ ପଟି ଦେବତା ରୂପରେ ପୂଜାର୍ଚ୍ଚନା କରାଯିବା ସହ ସମସ୍ତ ନୀତି କାନ୍ତି କରାଯାଉଥିବା ମନ୍ଦିର କମିଟି କର୍ମକର୍ତ୍ତା କହିଥିଲେ।

ରଥଯାତ୍ରା ପାଇଁ ପ୍ରଶାସନ ସହ ଅନ୍ୟାନ୍ୟ ବିଭାଗ ଏବଂ ବିଭିନ୍ନ ସଂସ୍ଥା ପକ୍ଷରୁ ନିଜର କାର୍ଯ୍ୟ ସଂପାଦନା କରୁଛନ୍ତି । ରଥଯାତ୍ରା ପାଇଁ ମୀନା ବଜାର ମଧ୍ୟ ପ୍ରସ୍ତୁତ ହୋଇଥିବା କୁହାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସହରର ବହୁମାନ୍ୟଗଣ୍ୟ ବ୍ୟକ୍ତି, ବିଭିନ୍ନ ବିଭାଗର ଅଧିକାରୀ, ଜଗନ୍ନାଥ ମନ୍ଦିର ପୂଜକମାନେ ଉପସ୍ଥିତ ରହି ରଥଯାତ୍ରାକୁ କିଭଳି ଶାନ୍ତିଶୃଙ୍ଖଳାର ସହ ସମାପନ କରାଯିବ ସେ ନେଇ ଆଲୋଚନା କରିଥିଲୋ ବୈଠକରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଦେବେନ୍ଦ୍ର ଚୌଧୁରୀ, ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗ, ଉପାଧକ୍ଷ ଶିବ ପ୍ରସାଦ ଗୌଡ, ଥାନା ଅଧିକାରୀ ନିଳାମ୍ବର ଜାନି, ବିଜୟ କୁମାର ଗମାଙ୍ଗ, ଅକ୍ଷୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରୀ ରଥଯାତ୍ରାକୁ କୋରାପୁଟରୁ ସ୍ୱତନ୍ତ୍ର ଟ୍ରେନ

**କୋରାପୁଟ,୧୭।୬(ଅମିତାଭ ବେହେରା)**

ପୁରୀଠାରେ ହେବାକୁ ଥିବା ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଓ ବାହୁଡା ଯାତ୍ରା ପାଇଁ ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ କୋରାପୁଟ ଜିଲାରୁ ୪ଟି ସ୍ୱତନ୍ତ୍ର ଟ୍ରେନ ଚଳାଚଳ ବ୍ୟବସ୍ଥା କରାଯାଇଥିବା ୱାଲଟିୟର ଡିଭିଜନ ଡିଆରଏମ୍ ଅନୁପ ଶତପଥୀ କହିଛନ୍ତି। ସେଥିରୁ ରଥଯାତ୍ରା ନିମନ୍ତେ ୨ଟି ଓ ବାହୁଯାତ୍ରା ନିମନ୍ତେ ୨ଟି ଟ୍ରେନ ଚଳାଚଳ ନେଇ ବ୍ୟବସ୍ଥା ହୋଇଥିବା ସେ କହିଛନ୍ତି। ଆସନ୍ତା ୧୯ରେ ଟ୍ରେନ୍ ନଂ. ୦୮୦୫୭ ଛତିଶଗଡ଼ର ଜଗଦଲପୁରରୁ ପୂର୍ବାହ୍ନ ୧୦ଟାରୁ ବାହାରି କୋରାପୁଟ ଜିଲାର କୋଟପାଡ ରୋଡରେ ୧୦ଟା ୪୨ ମିନିଟ, ଜୟପୁରରେ ୧୧ଟା ୨୫ ମିନିଟ, କୋରାପୁଟରେ ୧୨ଟା୨୫ ମିନିଟ ଓ ଦାମନଯୋଡିରେ ୧୨ଟା ୫୭ ମିନିଟରେ ପହଞ୍ଚି ଲକ୍ଷ୍ମୀପୁର ରୋଡରୁ ଅପରାହ୍ନ ୧ଟା୪୭ ମିନିଟରେ ଛାଡିବ। ଏହି ଟ୍ରେନ ୨୦ ତାରିଖ ଭୋର ୪ଟାରେ ପୁରୀରେ ପହଞ୍ଚିବ ବୋଲି ରେଲବାଇ ପକ୍ଷରୁ କୁହାଯାଇଛି। ଏହି ସ୍ୱତନ୍ତ୍ର ଟ୍ରେନରେ ୧୬ଟି କୋଚ ରହିବ। ସେହିପରି ୨୦ ତାରିଖରେ ଟ୍ରେନ ନଂ ୦୮୦୫୮ ପୁରୀରୁ ରାତି ୯ଟା ୩୦ରେ ବାହାରି କୋରାପୁଟରେ ତା'ପରଦିନ ୮ଟା୨୫ରେ ପହଞ୍ଚିବ। ଜଗଦଲପୁରରେ ମଧ୍ୟାହ୍ନ ୧୨ଟାରେ ପହଞ୍ଚିବ। ସେହିପରି ପୁରୀରେ ବାହୁଡାଯାତ୍ରା ପାଇଁ ୨୮ ତାରିଖରେ ଜଗଦଲପୁରରୁ-କୋରାପୁଟ ଦେଇ ପୁରୀ ସ୍ୱତନ୍ତ୍ର ଟ୍ରେନ ଯିବ। ୨୯ ତାରଖ ରାତିରେ ପୁରୀଠାରୁ ଏହି ଟ୍ରେନ ବାହାରି ତା ପରଦିନ କୋରାପୁଟରେ ପହଞ୍ଚିବ ବୋଲି ଡିଆରଏମ୍ ଶତପଥୀ କହିଛନ୍ତି। ଏହି ଟ୍ରେନର ସୁବିଧା କୋରାପୁଟବାସୀ ନେବାକୁ ଜିଲାପାଳ ଅବଦାଲ ଏମ. ଅଖତାର ଟୁଇଟ୍ ଯୋଗେ ପରାମର୍ଶ ଦେଇଛନ୍ତି।

## ଜୁଆ ଆଡ୍ଡାରୁ ୭ ଗିରଫ

**ଖଲ୍ଲିକୋଟ,୧୭।୬(ପ୍ରଶାନ୍ତ ମିଶ୍ର):**

ଖଲ୍ଲିକୋଟ ଥାନା ମୋହନପୁର ଗ୍ରାମ ନିକଟରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ଶୁକ୍ରବାର ରାତିରେ ପୋଲିସ ଚଢ଼ାଉ କରି ନଗଦ ୧୦ ହଜାର ୫୦୦ ଟଙ୍କା ଜବତ କରିବା ସହ ୭ ଜଣଙ୍କୁ ଗିରଫ କରିଛି। ରାତିରେ ଖଲ୍ଲିକୋଟ ଥାନା ମୋହନପୁର ଗ୍ରାମ ନିକଟରେ ଜୁଆ ଖେଳ ଚାଲିଥିବା ଖବର ପାଇ ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ପୋଲିସ କର୍ମଚାରୀ ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଥିଲେ।

# ବାଇକ୍ -ଟ୍ୟାଙ୍କର ଧକ୍କା, ୨ ମୃତ


ଜଳୁଥିବା ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କର ।

**ଟିକିରି,୧୭।୬ (ପ୍ରଫୁଲ୍ଲ ବେହେରା)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଶଙ୍କରଡ଼ା ଗ୍ରାମ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଇକକୁ ଆଲୁମିନା ପାଉଡ଼ର ବୋଝେଇ ଟ୍ୟାଙ୍କର ଧକ୍କାଦେବାରୁ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଡେଙ୍ଗାଗୁଡ଼ା ଗାଁର ମହେଶ୍ୱର ମାଝି ଓ ଶଙ୍କରଡା ପଞ୍ଚାୟତ ଅନ୍ତର୍ଗତ କୁପାଖାଲ ଗାଁର ଓଡ଼ିଆ ମାଝି। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ବାଇକ୍ ଆରୋହୀ ସୁରେଶ ମାଝି ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଟ୍ୟାଙ୍କର ଓ ବାଇକ୍ ଜଳିଯାଇଥିବା ଦେଖିବାକୁ ମିଳିଛି। ଖବରପାଇ ଟିକିରି ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ରାୟଗଡ଼ା ଏସ୍‌ଡିପିଓ ଦେବଜ୍ୟୋତି ଦାସଙ୍କ ସମେତ ଟିକିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୧ଟାରେ ମହେଶ୍ୱର, ଓଡ଼ିଆ ଏବଂ ସୁରେଶ ବାଇକ ଯୋଗେ ରାଙ୍ଗକଣାଠାରୁ ଟିକିରି ଅଭିମୁଖେ ଫେରୁଥିଲେ। ଶଙ୍କରଡ଼ା

**ଘଟଣାସ୍ଥଳରେ ଜଳିଗଲା ୨ ଗାଡ଼ି**

ଗ୍ରାମ ନିକଟରେ ଉତ୍କଳ ଆଲୁମିନା କାରଖାନାରୁ ଏକ ଆଲୁମିନା ପାଉଡ଼ର ବୋଝେଇ ଟ୍ୟାଙ୍କର ତାଙ୍କ ବାଇକକୁ ଧକ୍କାଦେଇଥିଲା । ଫଳରେ ବାଇକ୍ ଚାଳକ ମହେଶ୍ୱର ଏବଂ ଓଡ଼ିଆଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ସୁରେଶ ଗୁରୁତର ହୋଇଛନ୍ତି। ତାଙ୍କୁ ଉଷାପଡ଼ାସ୍ଥିତ ଉତ୍କଳ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ତାଙ୍କ ଅବସ୍ଥା ଏବେ ସ୍ଥିର ଥିବା ସୂଚନା ମିଳିଛି । ଟ୍ୟାଙ୍କର ବାଇକକୁ ଧକ୍କାଦେବା ପରେ ପ୍ରାୟ ୨ଶହ ମିଟର ଘୋଷାଡ଼ିନେବାରୁ ବାଇକ୍ ଏବଂ ଟ୍ୟାଙ୍କରରେ ନିଆଁ ଲାଗିଯାଇଥିଲା । ଖବରପାଇ ଟିକିରି ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଖବର ଲେଖା ହେବା ସୁଦ୍ଧା ମୃତକଙ୍କ ପରିବାରକୁ ୫ ଲକ୍ଷ ଲେଖାଏଁ କ୍ଷତିପୂରଣ ଓ ପରିବାରର ଜଣଙ୍କୁ କମ୍ପାନୀରେ ଚାକିରି ଦାବିରେ ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତା ଅବରୋଧ କରାଯାଇଛି। ଫଳରେ ରାୟଗଡ଼ାଠାରୁ ଟିକିରି ଓ କାଶୀପୁରକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି।

# କଳା ସଂସ୍କୃତି ସଂଘ କାର୍ଯ୍ୟକାରୀ କରିବାକୁ ଦାବି

**ରାୟଗଡ଼ା,୧୭।୬(ଆଶିଷ ରଞ୍ଜନ ପଣ୍ଡା)**

ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାର କଳା ଓ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଜିଲା ସଂସ୍କୃତି ବିଭାଗ ସହଯୋଗରେ ବ୍ଲକ, ନଗର ଓ କଳା ସଂସ୍କୃତି ସଂଘ ଗଠନକରି ଏହାକୁ କାର୍ଯ୍ୟାନ୍ୱୟନ କରିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଛି । ହେଲେ ରାୟଗଡ଼ା ଜିଲାରେ ନାମକୁ ମାତ୍ର ସଂଘ ଗଠନ କରାଯାଇଥିଲେ ମଧ୍ୟ ବିଭିନ୍ନ ଲୋକକଳା, ସଂସ୍କୃତି ଓ ପରମ୍ପରା ଅନ୍ତର୍ଗତ କାର୍ଯ୍ୟକ୍ରମ ପାଇଁ କୌଣସି ସୁବିଧା ଯୋଗାଇ ଦିଆଯାଉ ନ ଥିବା ଜିଲାର କଳାକାରମାନେ ଅଭିଯୋଗ କରିଛନ୍ତି। ସଂଘର ପୁନରୁଦ୍ଧାର ଏବଂ କଳାକାରଙ୍କ ଭବିଷ୍ୟତ ସୁରକ୍ଷିତ ପାଇଁ ଜୁନ୍ ୮ ରେ ୫-ଟି ସଚିବଙ୍କ ବିଷମକଟକ ଗସ୍ତ ସମୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ହେଲେ ବର୍ତ୍ତମାନ ସୁଦ୍ଧା ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଶୁକ୍ରବାର କଳାକାରମାନେ ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଭେଟି ସମସ୍ୟା ଜଣାଇଥିଲେ। ଚଳିତ ମାସ ଶେଷ ସୁଦ୍ଧା ସଂଘ କାର୍ଯ୍ୟକ୍ଷମ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

ସଂଘକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, ସଂଘର କର୍ମକର୍ତ୍ତା ଚୟନ, ବ୍ଲକ, ନଗର ଓ ଜିଲାସ୍ତରୀୟ କଳା ସଂସ୍କୃତି ସଂଘ ମାଧ୍ୟମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ସହ କଳାକାରମାନଙ୍କୁ ଆଞ୍ଚଳିକ ଭାଷା, କଳା ସଂସ୍କୃତି ଓ ଲୋକ କଳାକାର ପ୍ରଚାର ପ୍ରସାର ପାଇଁ କଳାକାରଙ୍କୁ ସୁଯୋଗ ଦେବାକୁ ୫-ଟି ସଚିବଙ୍କୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଥିଲା। ଏଥିସହିତ ସମସ୍ତ କଳାକାରଙ୍କୁ ପରିଚୟପତ୍ର ପ୍ରଦାନ କରିବା ସହ ସେମାନଙ୍କୁ ଆର୍ଥିକ ସହଯୋଗକରି କଳା ଓ ସଂସ୍କୃତିର ବିକାଶ ପାଇଁ ଦାବି କରାଯାଇଥିଲା । ସେହିଭଳି ବ୍ଲକ, ନଗର, ଜିଲାରେ ସଂଘର ଉପସଭାପତି ଓ କର୍ମକର୍ତ୍ତାଙ୍କ ପାଇଁ କାର୍ଯ୍ୟାଳୟର ବ୍ୟବସ୍ଥା, ଗସ୍ତ ଖର୍ଚ୍ଚ ଓ ଜେଡ୍‌କେଏସ୍‌ଏସ୍ ଓ ବିକେଏସ୍‌ଏସ୍ ପାଣ୍ଠିର ବ୍ୟବସ୍ଥା ଲାଗୁ କରିବାକୁ ଦାବି କରାଯାଇଛି । ଏ ନେଇ ଜିଲା କଳା ସଂସ୍କୃତି ସଂଘ ଉପସଭାପତି ସନ୍ତୋଷ ବଚ୍ଛା କହିଛନ୍ତି, ଜିଲା ଓ ବ୍ଲକସ୍ତରରେ କଳା ସଂସ୍କୃତି ସଂଘକୁ କାର୍ଯ୍ୟକାରୀ କରିବା ସହ ୩ ମାସକୁ ଥରେ ସଂଘର ବୈଠକ କରାଯାଇ କଳା ଓ ସଂସ୍କୃତିର ବିକାଶ କରାଯିବା ଉଚିତ ।

# ଆରମ୍ଭ ହେଉନି ପଦ୍ମପୁର ନୂଆ ବସ୍‌ଷ୍ଟାଣ୍ଡ କାମ

**ପଦ୍ମପୁର, ୧୭।୬ (ପ୍ରଶାନ୍ତ କର)**

ରାଜ୍ୟ ସରକାର ପରିବହନ କ୍ଷେତ୍ରରେ ରୂପାନ୍ତରୀକରଣ କରିବା ପାଇଁ 'ଆମ ବସଷ୍ଟାଣ୍ଡ' ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହି ଯୋଜନାରେ ରାଜ୍ୟ ସରକାର ଚଳିତ ମାସ ଶେଷ ସୁଦ୍ଧା ୫୫ଟି ନୂତନ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ନିଷ୍ପତ୍ତି ନେବା ସହ ଆଉ ୭୧ଟି ନୂଆ ବସଷ୍ଟାଣ୍ଡ ଚଳିତ ବର୍ଷ ଶେଷ ସୁଦ୍ଧା କରିବାକୁ ଲକ୍ଷ୍ୟ ରଖିଛନ୍ତି। ତେବେ ରାୟଗଡ଼ା ଜିଲାର ପଦ୍ମପୁର ବ୍ଲକରେ ବସଷ୍ଟାଣ୍ଡ ନିର୍ମାଣ ଯୋଜନା କେବଳ ଜାଗା ଚିହ୍ନଟ ପ୍ରକ୍ରିୟାରେ ସିମିତ ରହିଯାଇଛି। ଜମି ଚିହ୍ନଟ ହେବାର

**ଜମି ଚିହ୍ନଟ ହେବାର ୪ ମାସ ବିତିଲାଣି**

ଦୀର୍ଘ ୪ ମାସ ବିତି ଯାଇଥିଲେ ମଧ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନି। ଏପରିକି ଚିହ୍ନଟ ସ୍ଥାନରେ ମାଟି କି ବାଲି ମଧ୍ୟ ପଡ଼ି ନ ଥିବା ଅଭିଯୋଗ ହୋଇଛି। କାହାର ଚାପ ଯୋଗୁ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଅଟକି ରହିଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ତେବେ ଆଗକୁ ବର୍ଷାଦିନ ଆସୁଥିବାରୁ ଏହା କେତେଦୂର ସଫଳ ହେବ ସେ ନେଇ ଆଶଙ୍କା ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ ଯେ, ଗତ ଫେବୃଆରୀ ମାସରେ ପ୍ରଶାସନ ପକ୍ଷରୁ ପଦ୍ମପୁର ବ୍ଲକ ଅନ୍ତର୍ଗତ ଜୁକବନ୍ଧ କଲୋନୀ ନିକଟରେ ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ୨ ଏକର ୩୦ସେଣ୍ଟ ଜମି ଚିହ୍ନଟ ହୋଇଛି। ପ୍ରଶାସନିକ ଅଧିକାରୀ, ଜିଲା ପରିବହନ ଅଧିକାରୀ ଓ ଜନ ପ୍ରତିନିଧିଙ୍କ ମିଳିତ ଉଦ୍ୟମରେ ଏହି ଜମି ଚିହ୍ନଟ କରାଯାଇ ଖୁବ୍‌ଶୀଘ୍ର ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ଜମି ଚିହ୍ନଟ ହେବାର ଦୀର୍ଘ ୪ ମାସ ବିତି ଯାଇଥିଲେ ମଧ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଗୋଟିଏ ପଟେ ପଦ୍ମପୁରର ପୁରୁଣା ବସଷ୍ଟାଣ୍ଡରେ କୌଣସି ବସ୍ ରହୁନଥିବା ବେଳେ ଜବରଦଖଲକାରୀଙ୍କ କବଜାରେ ରହିଛି ଏହି ବସଷ୍ଟାଣ୍ଡ । ଅନ୍ୟପଟେ ମୁଖ୍ୟ ବଜାର, ଶାନ୍ତି ମାର୍କେଟର ଟ୍ରାଫିକ ସମସ୍ୟା ନ କହିବା ଭଲ। ବସଷ୍ଟାଣ୍ଡର ସେଭଳି କୌଣସି ସୁବିଧା ନ ଥିବାରୁ ରାତ୍ରିକାଳୀନ ଅଧିକାଂଶ ବସ୍ ପଦ୍ମପୁର ସହର ନ ଦେଇ ବାଇପାସ୍ ରାସ୍ତାରେ କଟକ, ବ୍ରହ୍ମପୁର, ଜୟପୁର, ମାଲକାନଗିରି, ନବରଙ୍ଗପୁର ଆଦି ଯାଉଛନ୍ତି। ଏ ସଂପର୍କରେ ପଦ୍ମପୁର ଅତିରିକ୍ତ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀଙ୍କୁ ପଚାରିବାରୁ ଏକ ସପ୍ତାହ ମଧ୍ୟରେ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଛନ୍ତି।


ପଦ୍ମପୁର ନୂଆ ବସ୍‌ଷ୍ଟାଣ୍ଡ ପାଇଁ ଚିହ୍ନଟ ହୋଇଥିବା ଜମି ।

# ଅସାମାଜିକଙ୍କ ଆଡ୍ଡାସ୍ଥଳ ପାଲଟିଛି ଭ୍ୟୁ ପଏଣ୍ଟ

**ରାୟଗଡ଼ା,୧୭।୬(ଆଶିଷ ରଞ୍ଜନ ପଣ୍ଡା)**

ଲୋକଙ୍କ ମନୋରଞ୍ଜନ ପାଇଁ ରାୟଗଡ଼ା ବ୍ଲକ ଅନ୍ତର୍ଗତ ବାଇସିଂ ପଞ୍ଚାୟତରେ ଥିବା ଭ୍ୟୁ ପଏଣ୍ଟ ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଅଭିଯୋଗ ହେଉଛି। ଭ୍ୟୁ ପଏଣ୍ଟରେ ମଦ୍ୟପ ଓ ପ୍ରେମୀ ଯୁଗଳ ଭିଡ଼ ଜମାଉଥିବାରୁ ମହିଳା, ଯୁବତୀ ସେଠାକୁ ଯିବାକୁ ଅସୁରକ୍ଷିତ ମନେ କରୁଛନ୍ତି। ଅନ୍ୟପକ୍ଷେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଭ୍ୟୁ ପଏଣ୍ଟର ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଛନ୍ତି ବାଇସିଂ ପଞ୍ଚାୟତବାସୀ । ତାଙ୍କର ଏହି ପଦକ୍ଷେପରେ ସହଯୋଗର ହାତ ବଢ଼ାଇଛନ୍ତି ସାମାଜିକ କର୍ମୀ ବଳରାମ ପଣ୍ଡା । ଭ୍ୟୁ ପଏଣ୍ଟ ଅଞ୍ଚଳରେ ପୋଲିସ ପକ୍ଷରୁ ପ୍ରତିଦିନ ପାଟ୍ରୋଲିଂ କରାଯାଉଥିଲେ ମଧ୍ୟ ସେଠାରେ ଥିବା ଏକ ଚା' ଦୋକାନରେ ବେଆଇନ ମଦ ବିକ୍ରି ଯୋଗୁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଚା' ଦୋକାନରେ ବେଆଇନ ମଦ ବିକ୍ରିକୁ ପଞ୍ଚାୟତବାସୀ ବିରୋଧ କରିବାରୁ ବାଇସିଂ ପଞ୍ଚାୟତ ବିକାଶ ସମିତିର ଜଣେ ସଦସ୍ୟ କୃଷ୍ଣ ତାଡ଼ିଙ୍ଗିଙ୍କ ନାଁରେ ଉକ୍ତ ଚା' ଦୋକାନୀ ଶେଷଖାଲ ଥାନାରେ ଏକ ମିଛ ମାମଲା


ଖବରଦାତା ସମ୍ମିଳନୀରେ ବାଇସିଂ ପଞ୍ଚାୟତ ବିକାଶ ସମିତି କର୍ମକର୍ତ୍ତା।

ଦାଏର କରିଥିବା ବିକାଶ ସମିତି ସଭାପତି ବଳରାମ ପଣ୍ଡା ଶୁକ୍ରବାର ରାୟଗଡ଼ାସ୍ଥିତ ଗାୟତ୍ରୀ ମନ୍ଦିରରେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ପ୍ରକାଶ ଥାଉକି, ପଞ୍ଚାୟତରେ ଉନ୍ନତି ପାଇଁ ଗତ ଦିନରେ ବାଇସିଂଠାରେ ସରକାରଙ୍କ ସହଯୋଗରେ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ବାଇସିଂ ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତ ଭାବେ ଗଢ଼ି ତୋଳିବା ପାଇଁ ସହମତି ପ୍ରକାଶ ପାଇଥିଲା । ପରେ ପଞ୍ଚାୟତର ସମସ୍ତ ଗ୍ରାମରେ ପଲ୍ଲିସଭା କରାଯାଇ ବାଇସିଂ ପଞ୍ଚାୟତ ବିକାଶ ସମିତି ଗଠନ କରାଯାଇଛି । ତେବେ ସରପଞ୍ଚଙ୍କ ବିନା ଅନୁମତିରେ ଜଣେ ବ୍ୟକ୍ତି ସେଠାରେ ଚା' ଦୋକାନ କରି ମଦ ବିକ୍ରି କରୁଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଉକ୍ତ ଅଞ୍ଚଳ ସଂରକ୍ଷିତ ଜଙ୍ଗଲ ଅଧୀନରେ ଯାଉଥିବାବେଳେ ଚା' ଦୋକାନୀ ଜଣକ ବନ ବିଭାଗର ଅନୁମତି ନ ନେଇ ବେଆଇନ ଭାବେ ଦୋକାନ ଖୋଲିଥିବା ବିକାଶ ସମିତି ଅଭିଯୋଗ କରିଛି । ଉକ୍ତ ଅଞ୍ଚଳର ସୁରକ୍ଷା ଦାୟିତ୍ୱ ଶେଷଖାଲ ଥାନା ଅଧୀନରେ ରହିଥିଲେ ମଧ୍ୟ ଥାନା ଅଧିକାରୀ କୌଣସି ପଦକ୍ଷେପ ନ ନେବାରୁ ଅଞ୍ଚଳର ସୁରକ୍ଷା ପାଇଁ ପଞ୍ଚାୟତ ବିକାଶ ସମିତି ପକ୍ଷରୁ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କୁ ମେ ୨୮ ତାରିଖରେ ଅନୁରୋଧ କରିଥିଲେ । ପରେ ଏସ୍‌ଡିପିଓ ଦେବଜ୍ୟୋତି ଶର୍ମାଙ୍କ ନେତୃତ୍ୱରେ ରାୟଗଡ଼ା ଟାଉନ ଥାନା ପୋଲିସ ଉକ୍ତ

**ସୁରକ୍ଷା ପାଇଁ ବିକାଶ ସମିତିର ଦାବି**

ଅଞ୍ଚଳକୁ କିଛିଦିନ ପାଟ୍ରୋଲିଂ କରି ମଦ୍ୟପଙ୍କୁ ଧରି ସାବାଡ଼ କରିଥିଲେ। ଫଳରେ ସହରର ବରିଷ୍ଠ ନାଗରିକ, ପରିବାର, ଯୁବକଯୁବତୀ ପୁଣିଥରେ ଭ୍ୟୁ ପଏଣ୍ଟକୁ ଯାଇ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିପାରୁଥିଲେ । ହେଲେ ବର୍ତ୍ତମାନ ପୁଣି ସେଇ ପୁରୁଣା ଅବସ୍ଥା ।ବନ ବିଭାଗ ପକ୍ଷରୁ ଭ୍ୟୁ ପଏଣ୍ଟ ଅଞ୍ଚଳରେ ଇକୋ ଟୁରିଜମ୍ ସ୍ଥାନ ଭାବେ ବିକାଶ ନେଇ ମଧ୍ୟ ରାୟଗଡ଼ା ଡିଏଫ୍‌ଓ ବିଜୟ କୁମାର ପରିଡ଼ା ବାଇସିଂ ପଞ୍ଚାୟତ ବିକାଶ ସମିତିକୁ ପ୍ରତିଶ୍ରୁତି ଦେଇଥିବା ସମିତି ସଭାପତି ବଳରାମ ପଣ୍ଡା ସୂଚନା ଦେଇଛନ୍ତି । ତେଣୁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ସେଠାରୁ ଉକ୍ତ ଚା' ଦୋକାନୀଙ୍କୁ ହଟାଇବା ସହ ସେଠାକାର ସୁରକ୍ଷା ପାଇଁ ବାଇସିଂ ପଞ୍ଚାୟତ ବିକାଶ ସମିତି ଅନୁରୋଧ କରିଛି । ଖବରଦାତା ସମ୍ମିଳନୀରେ ବିକାଶ ସମିତିର ସମ୍ପାଦକ ପଙ୍କଜ ବିଡ଼ିକା, ସଦସ୍ୟ କୃଷ୍ଣ ତାଡ଼ିଙ୍ଗି ଓ ବୁଲୁ ତାଡ଼ିଙ୍ଗିଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ଜଙ୍ଗଲରେ ହ୍ରାସ ପାଉଛି ବାଉଁଶ

ମାଲକାନଗିର, ୧୭।୬(ଦୁର୍ଯ୍ୟୋଧନ ପାତ୍ର)


କାରିଗରମାନେ ବାଉଁଶରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି ।

ମାଲକାନଗିରି ଜିଲା ବାଲିମେଲା, ଚିତ୍ରକୋଣ୍ଡା, କାଲିମେଳା ଓ ମାଲକାନଗିରି ବନାଞ୍ଚଳରେ ପ୍ରାୟ ୨୦ ବର୍ଷ ପୂର୍ବରୁ ବିଭିନ୍ନ ଜଙ୍ଗଲରେ ବହୁ ପରିମାଣର ବାଉଁଶଗଛ ଦେଖିବାକୁ ମିଳୁଥିଲା। ଏହି ବାଉଁଶ ବନ ବିଭାଗ ପ୍ରତିବର୍ଷ ସିଲଭି କଲ୍‌ଚର କଟିଂ ନିୟମ ଅନୁସାରେ ୫ ରୁ ୭ ବର୍ଷରୁ ଉର୍ଦ୍ଧ୍ୱ ବାଉଁଶ କାଟି ବନ ନିଗମ ମାଧ୍ୟମରେ ଜୟପୁରର ସେବା ପେପର ମିଲ୍, ରାୟଗଡ଼ା ଜେକେ ପେପର ମିଲ୍, ବ୍ରଜରାଜନଗର ପେପର ମିଲ୍ ଓ ଆନ୍ଧ୍ରପ୍ରଦେଶ ରାଜମହେନ୍ଦ୍ରୀର ପେପର ମିଲ୍ ଆଦିକୁ ବିକ୍ରିକରି ଓଡ଼ିଶାକୁ କୋଟି କୋଟି ଟଙ୍କାର ରାଜସ୍ୱ ମିଳୁଥିଲା। ଅନ୍ୟପକ୍ଷରେ ଜିଲାରେ ବାଉଁଶ ଜଙ୍ଗଲ ନିକଟରେ ଥିବା ଗ୍ରାମଗୁଡ଼ିକର ଶ୍ରମିକମାନେ ବାଉଁଶ କାଟିବାରେ ନିୟୋଜିତ ହୋଇ ବେଶ୍ ଅର୍ଥ ଉପାର୍ଜନ କରୁଥିଲେ। ଅନେକ ଗ୍ରାମବାସୀ ସେମାନଙ୍କ ପାରମ୍ପରିକ ବାଉଁଶ ତିଆରି ସାମଗ୍ରୀ ଯଥା ଡାଲା, କୁଲା, ଟୋକେଇ ଓ ଝୁଡ଼ି ସମେତ ଅନେକ ଘରସଜା ଉପକରଣ ତିଆରି କରୁଥିଲେ। ଏହାକୁ ବଜାରରେ ବିକ୍ରିକରି ନିଜର ପରିବାର ଚଳାଇ ଆସୁଥିଲେ। ଏଥିସହ ବାଉଁଶରେ ଘର ଛପର ଓ ତିଆରି ମଧ୍ୟ କରୁଥିଲେ । ବାଉଁଶ ବୁଦାରୁ ପ୍ରତିବର୍ଷ ପୁରୁଣା ଏବଂ ଖୁଣ୍ଟା ବାଉଁଶ କଟାଯାଇଥାଏ । ଫଳରେ ଏହି ବାଉଁଶ ଖଣ୍ଡାରେ ନୂତନ କରଡି ବାହାରି ୩ ରୁ ୫ ବର୍ଷ ମଧ୍ୟରେ ୫୦ ରୁ ୬୦ ଫୁଟ ଲମ୍ବ ବାଉଁଶ ବଢ଼ିଥାଏ।

୨୦୦୮ରେ ମାଲକାନଗିରି ଜିଲାରେ ପ୍ରଚୁର ପରିମାଣରେ ବାଉଁଶ କଟାଯାଉଥିବା କାଲିମେଳା ଓ ଚିତ୍ରକୋଣ୍ଡା ବନାଞ୍ଚଳରେ ମାଓବାଦୀଙ୍କ ଭୟରେ ବାଉଁଶ କଟା ବନ୍ଦ ହୋଇଯାଇଥିଲା। ଫଳରେ ଆଜି ପର୍ଯ୍ୟନ୍ତ କୌଣସି ପେପର ମିଲ୍ ବାଉଁଶ କିଣୁ ନ ଥିବାରୁ ବନ ନିଗମ ଦ୍ୱାରା ବାଉଁଶ କଟାଯିବା ପ୍ରାୟତଃ ବନ୍ଦ ହୋଇଯାଇଛି। ଫଳରେ ବାଉଁଶ ଗଛରେ ଫୁଲ ଫୁଟିବା ଦ୍ୱାରା ସେହି ବୁଦାଟି ସମ୍ପୂର୍ଣ୍ଣ ମରିଯାଇଥାଏ । ଅନ୍ୟପକ୍ଷରେ ନିକଟସ୍ଥ ଗ୍ରାମବାସୀ ସମତଳ ଅଞ୍ଚଳରେ ଥିବା ବାଉଁଶଗୁଡ଼ିକୁ କାଟି ନିଜେ ବ୍ୟବହାର କରିବା ସହ ବର୍ଷାଋତୁରେ ବାଉଁଶ କରଡ଼ିକୁ ଖାଦ୍ୟ ରୂପେ ବ୍ୟବହାର କରିବା ଦ୍ୱାରା ଜଙ୍ଗଲରେ ଥିବା ବାଉଁଶ ଗୁଡ଼ିକ ପ୍ରାୟତଃ ନଷ୍ଟହେଉଛି। ବିଶେଷକରି ଗ୍ରୀଷ୍ମଋତୁରେ ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ଅନେକ ବୁଦା ପୋଡ଼ି ନଷ୍ଟହୋଇଯାଉଥିବାରୁ ତାହା ଆଉ ବଞ୍ଚୁ ନାହିଁ। ଏବେବି କାଲିମେଳା ଓ ଚିତ୍ରକୋଣ୍ଡା ବନାଞ୍ଚଳର ୩୦ ପଞ୍ଚାୟତରେ ଥିବା ବାଉଁଶ ଜଙ୍ଗଲ ପୂର୍ବଭଳି ଆଉ ଦେଖିବାକୁ ମିଳୁନାହିଁ। ଯାହା କିଛି ଗଛ ଅଛି ତାହା କେବଳ ପର୍ବତ ଉପରେ ଦେଖାଯାଉଥିଲେ ମଧ୍ୟ ସେଠାରୁ ସଂଗ୍ରହ କରିବା ସମ୍ଭବ ହେଉ ନ ଥିବାରୁ ସେଗୁଡ଼ିକ ଶୁଖି ପୋଡ଼ି ନିଆଁ ଲାଗିଯାଉଛି। ବିଶେଷକରି ଆଦିବାସୀ ଅଞ୍ଚଳରେ ବାଉଁଶ କରଡ଼ିକୁ ଖାଦ୍ୟ ଭାବେ ବ୍ୟବହାର

## କାରିଗର ହରାଉଛନ୍ତି କୌଳିକ ବୃତ୍ତି

କରାଯାଉଥିବାରୁ ମାଲକାନଗିରି ଜିଲାରୁ ବାଉଁଶ କରଡ଼ି ସଂଗ୍ରହ କରାଯାଇ ଅନ୍ୟ ଜିଲାକୁ ବ୍ୟବସାୟୀମାନେ ବିକ୍ରି କରିବାକୁ ନେଉଥିବାରୁ ବାଉଁଶଗଛ ବୃଦ୍ଧିରେ ବାଧା ସୃଷ୍ଟି ହେଉଛି। ଫଳରେ ଗ୍ରାମ ନିକଟରେ କିମ୍ବା ଜଙ୍ଗଲରେ ଆଉ ପୂର୍ବଭଳି ବାଉଁଶ ଜଙ୍ଗଲ ଦେଖିବାକୁ ମିଳୁନାହିଁ। ଯେଉଁ ଆଦିବାସୀମାନେ ଓ ତାଙ୍କ ପୂର୍ବ ପୁରୁଷ ବାଉଁଶ ସାମଗ୍ରୀ ବିକ୍ରି କରୁଥିଲେ ସେମାନେ ଆଜି ନିଜର କୌଳିକ ବୃତ୍ତି ହରାଇ ବସିଛନ୍ତି ।

ମାଲକାନଗିରି ସଦର ମହକୁମା ସିନ୍ଧ୍ରିମାଳ ପଞ୍ଚାୟତ ଦରାଗୁଡ଼ା ଗ୍ରାମରେ ୨୦ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ବାଉଁଶରେ ବିଭିନ୍ନ ସାମଗ୍ରୀ ତିଆରିକରି ମାଲକାନଗିରି, ପଦ୍ମଗିରି ଓ କୋରୁକୋଣ୍ଡା ଆଦି ସାପ୍ତାହିକ ବଜାରରେ ବିକ୍ରି କରି ଅର୍ଥ ରୋଜଗାର କରୁଥିଲେ। ବାଉଁଶ ନ ମିଳିବାରୁ ସେମାନେ ନିଜ କୌଳିକ ବୃତ୍ତି ବଜାୟ ରଖିବା କଷ୍ଟକର ହୋଇପଡୁଛି। ଏନେଇ ଗ୍ରାମର ଲକ୍ଷ୍ମୀ ହନ୍ତାଳ, ସନୁ ଖିଲ, ଗୁରୁ ଖିଲ କହିଛନ୍ତି, ଜିଲା ପ୍ରଶାସନ ପକ୍ଷରୁ କୌଣସି ସହଯୋଗ ମିଳୁନାହିଁ। ସରକାର ଯଦି ବାଉଁଶ ଯୋଗାଇ ଦିଅନ୍ତେ କିମ୍ବା ଗାଁ ପାଖରେ ଥିବା ଉଜୁଡ଼ା ଜଙ୍ଗଲରେ ବାଉଁଶ ଗଛ ଲଗାନ୍ତେ ତେବେ କୌଳିକ ବୃତ୍ତି ବଞ୍ଚାଇ ରଖିବା ସହଜ ହୁଅନ୍ତା।

୨୦୦୬ରେ ଜିଲା ପ୍ରଶାସନ ପକ୍ଷରୁ ବାଉଁଶରେ ଉନ୍ନତମାନର ସାମଗ୍ରୀ ପ୍ରସ୍ତୁତି ପାଇଁ ଗ୍ରାମର ମହିଳା ଓ ପୁରୁଷଙ୍କୁ ତାଲିମ ଦିଆଯାଇଥିଲା। ଫଳରେ ସେମାନେ ବାଉଁଶରେ ଉନ୍ନତମାନର ସାମଗ୍ରୀ ତିଆରିକରି ଜିଲା ଏବଂ ବାହାରେ ପ୍ରଦର୍ଶନୀଗୁଡ଼ିକୁ ନେଇ ବିକ୍ରି କରିଥିଲେ। ୨୦୦୬ ପରଠାରୁ ଏ ପର୍ଯ୍ୟନ୍ତ ସେମାନଙ୍କୁ କୌଣସି ସହଯୋଗ ପ୍ରଶାସନ ପକ୍ଷରୁ ମିଳିନାହିଁ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଏ ସମ୍ପର୍କରେ ମାଲକାନଗିର ବନାଞ୍ଚଳ ଅଧିକାରୀ ଜଗନ୍ନାଥପ୍ରସାଦ ବିଶୋଇ କହିଛନ୍ତି, ଉଜୁଡ଼ା ବାଉଁଶ ଜଙ୍ଗଲକୁ ପୁନରୁଦ୍ଧାର ପାଇଁ ପ୍ରତିବର୍ଷ ବାଉଁଶ ବୁଦା ଗୁଡିକର ଚତୁଃପାର୍ଶ୍ୱରେ ମାଟି ଦିଆଯିବା ସହ ପୁରୁଣା ଖୁଣ୍ଟ, ପୋକା ଅଦରକାରୀ କଣି, ସଫା କରାଯାଉଛି । କିନ୍ତୁ ସ୍ଥାନୀୟ ଲୋକମାନେ ବର୍ଷାଦିନ ଆରମ୍ଭରେ ବାଉଁଶ କରଡ଼ିକୁ ଖାଦ୍ୟ ଭାବେ ବ୍ୟବହାର କରିବା ପାଇଁ ଉପାଡି ନେଇ ଯାଉଥିବାରୁ ବାଉଁଶ ଜଙ୍ଗଲର ଅଭିବୃଦ୍ଧି ହୋଇପାରୁନାହିଁ। ଏଥିପାଇଁ ସ୍ୱତନ୍ତ୍ର ବାଉଁଶ ଉନ୍ନୟନ ପ୍ରକଳ୍ପ ଗଠନ କରାଯାଇ ସ୍ଥାନୀୟ ଲୋକମାନଙ୍କୁ କମିଟି ମାଧ୍ୟମରେ କିପରି ବାଉଁଶ ଜଙ୍ଗଲର ଉନ୍ନତି ହେବ ସେ ସମ୍ବନ୍ଧରେ ଚେଷ୍ଟା ଜାରି ରହିଛି ବୋଲି ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ପୁରୀ ରଥଯାତ୍ରାକୁ କୋରାପୁଟରୁ ସ୍ୱତନ୍ତ୍ର ଟ୍ରେନ

କୋରାପୁଟ,୧୭।୬(ଅମିତାଭ ବେହେରା)- ପୁରୀଠାରେ ହେବାକୁ ଥିବା ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଓ ବାହୁଡା ଯାତ୍ରା ପାଇଁ ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ କୋରାପୁଟ ଜିଲାରୁ ୪ଟି ସ୍ୱତନ୍ତ୍ର ଟ୍ରେନ ଚଳାଚଳ ବ୍ୟବସ୍ଥା କରାଯାଇଥିବା ୱାଲଟିୟର ଡିଭିଜନ ଡିଆରଏମ୍ ଅନୁପ ଶତପଥୀ କହିଛନ୍ତି। ସେଥିରୁ ରଥଯାତ୍ରା ନିମନ୍ତେ ୨ଟି ଓ ବାହୁଯାତ୍ରା ନିମନ୍ତେ ୨ଟି ଟ୍ରେନ ଚଳାଚଳ ନେଇ ବ୍ୟବସ୍ଥା ହୋଇଥିବା ସେ କହିଛନ୍ତି। ଆସନ୍ତା ୧୯ରେ ଟ୍ରେନ୍ ନଂ. ୦୮୦୫୭ ଛତିଶଗଡ଼ର ଜଗଦଲପୁରରୁ ପୂର୍ବାହ୍ନ ୧୦ଟାରୁ ବାହାରି କୋରାପୁଟ ଜିଲାର କୋଟପାଡ ରୋଡରେ ୧୦ଟା ୪୨ ମିନିଟ, ଜୟପୁରରେ ୧୧ଟା ୨୫ ମିନିଟ, କୋରାପୁଟରେ ୧୨ଟା୨୫ ମିନିଟ ଓ ଦାମନଯୋଡିରେ ୧୨ଟା ୫୭ ମିନିଟରେ ପହଞ୍ଚି ଲକ୍ଷ୍ମୀପୁର ରୋଡରୁ ଅପରାହ୍ନ ୧ଟା୪୭ ମିନିଟରେ ଛାଡିବ। ଏହି ଟ୍ରେନ ୨୦ ତାରିଖ ଭୋର ୪ଟାରେ ପୁରୀରେ ପହଞ୍ଚିବ ବୋଲି ରେଲବାଇ ପକ୍ଷରୁ କୁହାଯାଇଛି । ଏହି ସ୍ୱତନ୍ତ୍ର ଟ୍ରେନରେ ୧୬ଟି କୋଚ ରହିବ। ସେହିପରି ୨୦ ତାରିଖରେ ଟ୍ରେନ ନଂ ୦୮୦୫୮ ପୁରୀରୁ ରାତି ୯ଟା ୩୦ରେ ବାହାରି କୋରାପୁଟରେ ତା'ପରଦିନ ୮ଟା୨୫ରେ ପହଞ୍ଚିବ। ଜଗଦଲପୁରରେ ମଧ୍ୟାହ୍ନ ୧୨ଟାରେ ପହଞ୍ଚିବ। ସେହିପରି ପୁରୀରେ ବାହୁଡାଯାତ୍ରା ପାଇଁ ୨୮ ତାରିଖରେ ଜଗଦଲପୁରରୁ-କୋରାପୁଟ ଦେଇ ପୁରୀ ସ୍ୱତନ୍ତ୍ର ଟ୍ରେନ ଯିବ । ୨୯ ତାରଖ ରାତିରେ ପୁରୀଠାରୁ ଏହି ଟ୍ରେନ ବାହାରି ତା ପରଦିନ କୋରାପୁଟରେ ପହଞ୍ଚିବ ବୋଲି ଡିଆରଏମ୍ ଶତପଥୀ କହିଛନ୍ତି। ଏହି ଟ୍ରେନର ସୁବିଧା କୋରାପୁଟବାସୀ ନେବାକୁ ଜିଲାପାଳ ଅବଦାଲ ଏମ. ଅଖତାର ଟୁଇଟ୍ ଯୋଗେ ପରାମର୍ଶ ଦେଇଛନ୍ତି।

### ବାବାଙ୍କଠାରୁ ୧୨ କିଲୋ ଗଞ୍ଜେଇ ଜବତ

ଏମ୍‌ଭି ୭୯, ୧୭।୬ (ଭିକି ବାରିକ)- ମାଲକାନଗିରି ଜିଲା କାଳିମେଳା ବ୍ଲକ ଅନ୍ତର୍ଗତ ଏମ୍‌ଭି ୭୯ରେ ଜଣେ ବାବାଙ୍କଠାରୁ ପୋଲିସ ଶନିବାର ୧୨କିଲୋ ଗଞ୍ଜେଇ ଜବତ କରିଛି। ମହାରାଷ୍ଟ୍ରର ଜଣେ ବ୍ୟକ୍ତି ବାବା ବେଶରେ ଏମ୍‌ଭି ୭୯ ଠାରୁ ଲାଛିପେଟେ ଅଭିମୁଖେ ଯାଉଥିବା ବେଳେ ପୋଲିସ ସନ୍ଦେହରେ ତାଙ୍କୁ ଯାଞ୍ଚ କରିଥିଲା। ଯାଞ୍ଚ କରିବାରୁ ତାଙ୍କ ପାଖରୁ ୧୨କିଲୋ ଗଞ୍ଜେଇ ଜବତ କରାଯାଇଥିଲା। ତେବେ ତାଙ୍କୁ ଥାନାରେ ନେଇ ଅଧିକ ପଚାରା ଉଚରା କରିବାରୁ ତାଙ୍କ ନାମ ଭୋଲାନାଥ ବୟସ ପାଖାପାଖି ୭୦ ବୋଲି ଜଣାପଡିଛି। ନମ୍ବର ୯୨/୨୩ରେ ପୋଲିସ ମାମଲା ରୁଜୁକରି ଭୋଲାନାଥଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଆଇ ବୁଲୁ ପଟ୍ଟନାୟକ କହିଛନ୍ତି ।



### ଜୁଆ ଆଡ୍ଡାରେ ଚଢ଼ାଉ, ୭ ଗିରଫ

ଖଲ୍ଲିକୋଟ,୧୭।୬(ପ୍ରଶାନ୍ତ ମିଶ୍ର): ଖଲ୍ଲିକୋଟ ଥାନା ମୋହନପୁର ଗ୍ରାମ ନିକଟରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ଶୁକ୍ରବାର ରାତିରେ ପୋଲିସ ଚଢ଼ାଉ କରି ନଗଦ ୧୦ ହଜାର ୫୦୦ ଟଙ୍କା ଜବତ କରିବା ସହ ୭ ଜଣଙ୍କୁ ଗିରଫ କରିଛି। ରାତିରେ ଖଲ୍ଲିକୋଟ ଥାନା ମୋହନପୁର ଗ୍ରାମ ନିକଟରେ ଜୁଆ ଖେଳ ଚାଲିଥିବା ଖବର ପାଇ ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ପୋଲିସ କର୍ମଚାରୀ ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଥିଲେ।

# ଗେଲ୍‌ର ମନମୁଖି କାରବାର, ଚାଷୀ ଅସନ୍ତୁଷ୍ଟ

କାଶୀନଗର,୧୭।୬ (ଟି. କ୍ରିଷ୍ଣା ରାଓ)

ଗ୍ୟାସ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ଼ (ଗେଲ) ପକ୍ଷରୁ କାଶୀନଗର ବ୍ଲକ ଓ ଏନ୍‌ଏସିର ବହୁ ଚାଷଜମି ଦେଇ ପାଇପ ବିଛା ଯାଇଛି। ଉକ୍ତ କାର୍ଯ୍ୟ କରାଯିବା ବେଳେ ହୁଡାସବୁ ଭାଙ୍ଗି ଦିଆଯିବା ସହ ଇତସ୍ତତଃ ମାଟି ପକାଇ ଜମିକୁ ଅସମତଳ ଓ ଚାଷ ଅନୁପଯୋଗୀ କରି ଦିଆଯାଇଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। କାଶୀନଗର ରଇତ ସଙ୍ଘ ଉପ ସଭାପତି କେ. ସୁରୀୟା ରାଓ କହିଛନ୍ତି ଯେ, ବୃହତ୍ତର ଜନସାର୍ଥକୁ ଆଖି ଆଗରେ ରଖି ପାଇପ ବିଛାଯିବା ବେଳେ ଚାଷୀମାନେ ବିରୋଧ କରିନଥିଲେ। ସେମାନଙ୍କୁ କ୍ଷତିପୂରଣ ଦିଆଯିବ ଓ ଖରିଫ ଚାଷ ଆରମ୍ଭ ପୂର୍ବରୁ ପ୍ରଭାବିତ ଚାଷଜମି ସବୁକୁ ଠିକଠାକ କରି ଦିଆଯିବ ବୋଲି କୁହାଯାଇଥିଲା। କିନ୍ତୁ କିଛି ଚାଷୀଙ୍କୁ କ୍ଷତିପୂରଣ ମିଳିଥିବା ବେଳେ ଆଉ କିଛି ଚାଷୀଙ୍କୁ ଏହା ମିଳି ନଥିବା ଜଣାପଡିଛି। ଖରିଫ ଚାଷ ପାଇଁ ସମୟ ନିକଟବର୍ତ୍ତୀ ହୋଇ ସାରିଥିଲେ ବି ପ୍ରତିଶ୍ରୁତି ମୁତାବକ ଗେଲ କର୍ତ୍ତୃପକ୍ଷ ପଦକ୍ଷେପ ନେଇନାହାନ୍ତି। ତେଣୁ ଚାଷୀମାନଙ୍କ ଭିତରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତୁରନ୍ତ ଗେଲ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଚିତ୍ରକୋଣ୍ଡାରେ ବ୍ଲକସ୍ତରୀୟ ସମିତି ସଂଘ ଗଠନ


ନବ ନିର୍ବାଚିତ ସଂଘ କର୍ମକର୍ତ୍ତା ।

ଚିତ୍ରକୋଣ୍ଡା, ୧୭।୬(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ବଡ଼ପଦର ପଞ୍ଚାୟତ ବନଗୁରୁ ଗ୍ରାମରେ ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଭୁକ୍ତ ୧୮ ପଞ୍ଚାୟତର ସମିତି ସଭ୍ୟାମାନଙ୍କୁ ନେଇ ଶୁକ୍ରବାର ବ୍ଲକସ୍ତରୀୟ ସମିତି ସଭ୍ୟ ସଂଘ ଗଠନ କରାଯାଇଥିଲା। ସମସ୍ତ ସମିତି ସଭ୍ୟ ସର୍ବସମ୍ମତି କ୍ରମେ ବ୍ଲକସ୍ତରୀୟ ସଂଘ ସଭାପତି ଭାବେ ଚିତ୍ରକୋଣ୍ଡା ସମିତିର ରାଜକମଲ ପୁରୋହିତଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଉପ ସଭାପତି ଭାବେ ପଦ୍ମନାଭ ଦାମୀ, ସମ୍ପାଦକ ହୀରାମଣି ଖରା, ସହ ସମ୍ପାଦକ ଦୃତିକା ପାଙ୍ଗୀ, ସୋମନାଥ ବଡ଼ନାୟକ ଏବଂ କୋଷାଧକ୍ଷ ଭାବେ ପ୍ରମିଳା ହନ୍ତାଳଙ୍କୁ ଚୟନ କରାଯାଇଥିଲା।

କମିଟି ସଭ୍ୟ ଭାବେ ଚକ୍ର ଖିଲ, ଘାଶୀ ସୁନା, ସରସ୍ୱତୀ, ଜଗନ୍ନାଥ, ସହଦେବ, ବିମଳା ହନ୍ତାଳ ଓ ନଗେଶ ଖିଲଙ୍କୁ ଚୟନ କରାଯାଇଥିଲା। ବ୍ଲକସ୍ତରୀୟ ସମିତି ସଭ୍ୟ ସଂଘ ଉପଦେଷ୍ଟା ଭାବରେ ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ୍‌ଙ୍କୁ ଚୟନ କରାଯାଇଥିଲା। ସଂଘର ମୁଖ୍ୟ ଉଦେଶ୍ୟ ହେଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତିର ଉନ୍ନତି କରିବା ସହ ଆଗକୁ ହେବାକୁ ଥିବା ଜିଲା ଏବଂ ରାଜ୍ୟସ୍ତରୀୟ ସମିତି ସଭ୍ୟ ସଂଘରେ ନିଜର ଅଧିକାର ପାଇଁ ୮ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯିବା। ରାଜ୍ୟର ପ୍ରତ୍ୟେକ ସମିତି ସଭ୍ୟ କିଭଳି ପଞ୍ଚାୟତ ସମିତିରେ ନିଜର ଅଧିକାର ପାଇବେ ସେ ନେଇ ଏହି ସଂଘ ଓଡ଼ିଶାର ସମିତି ସଭ୍ୟ ସଂଘ ସହ ଜଡିତ ହୋଇ ଲଢ଼ିବେ। ଚିତ୍ରକୋଣ୍ଡା ବ୍ଲକ ସମିତି ସଭ୍ୟ ସଂଘ ଗଠନ ବେଳେ ଚିତ୍ରକୋଣ୍ଡା ଅଧକ୍ଷ ଓ ଉପାଧ୍ୟକ୍ଷଙ୍କ ଉପସ୍ଥିତିରେ ଅଧିବେଶନର ବିବରଣୀ ଲିପିବଦ୍ଧ କରାଯାଇ ସମସ୍ତ ସମିତି ସଭ୍ୟଙ୍କ ସ୍ୱାକ୍ଷର କରାଯାଇ ସଂଘ ଗଠନ ହୋଇଥିଲା।

# ଯୁବକଙ୍କୁ ଆକ୍ରମଣ କରି ୨ ଗିରଫ

ବୁଗୁଡ଼ା,୧୭।୬(କାଳୀଚରଣ ଦାଶ): ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଖରିଡ଼ା ଗ୍ରାମର ଜଣେ ଯୁବକଙ୍କୁ ବୋତଲରେ ଆକ୍ରମଣ କରିବା ଅଭିଯୋଗରେ ବାଲିପଦର ଫାଣ୍ଡି ପୋଲିସ ଶନିବାର ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖରିଡା ଗ୍ରାମର ଅକ୍ଷୟ ସ୍ୱାଇଁ ଓ ରଞ୍ଜନ ଭୂୟାଁ। ପୂର୍ବରୁ ଏକ ବାହାଘର ଉତ୍ସବରେ ଖରିଡ଼ା ଗ୍ରାମର ବିନୋଦ ବିଷୋୟୀଙ୍କ ସହ ଅକ୍ଷୟ ଓ ରଞ୍ଜନଙ୍କ ଗଣ୍ଡଗୋଳ ହୋଇଥିଲା। ଶୁକ୍ରବାର ରାତିରେ ଏକଡାଳ ଗାଁର ଏକ ଜାଗାରେ ବସି ଅକ୍ଷୟ ଓ ରଞ୍ଜନ ମଦ୍ୟପାନର ଆସର ଜମାଇ ଜମିଜମା ବିଷୟରେ ଆଲୋଚନା କରୁଥିଲେ। ଏହି ସମୟରେ ବିନୋଦ ଯାଇ ସେଠାରେ ପହଞ୍ଚିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବିନୋଦଙ୍କ ସହ ଅକ୍ଷୟ ଓ ରଞ୍ଜନର ଯୁକ୍ତିତର୍କ ହୋଇଥିଲା। ଏଥିରେ ରାଗି ଯାଇ ଅକ୍ଷୟ ଓ ରଞ୍ଜନ ବିଅର୍ ବୋତଲରେ ବିନୋଦର ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ବିନୋଦର ମୁଣ୍ଡ ଫାଟି ଯାଇଥିଲା ଏବଂ ସେ ବାଲିପଦର ମେଡିକାଲରେ ଚିକିତ୍ସିତ ହୋଇ ଫାଣ୍ଡିରେ ଉଭୟଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏ ନେଇ ବୁଗୁଡା ଥାନାରେ ନଂ. ୪୨୫/୨୩ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ଚିତ୍ତରଞ୍ଜନ ବେହେରାଙ୍କ କହିଛନ୍ତି।

# ବାଇକ୍ -ଟ୍ୟାଙ୍କର ଧକ୍କା, ୨ ମୃତ


ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କର ଜଳୁଛି ।

ଟିକିରି,୧୭।୬
(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଶଙ୍କରଡ଼ା ଗ୍ରାମ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଇକକୁ ଆଲୁମିନା ପାଉଡ଼ର ବୋଝେଇ ଟ୍ୟାଙ୍କର ଧକ୍କାଦେବାରୁ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଡେଙ୍ଗାଗୁଡ଼ା ଗାଁର ମହେଶ୍ୱର ମାଝି ଓ ଶଙ୍କରଡା ପଞ୍ଚାୟତ ଅନ୍ତର୍ଗତ କୁପାଖାଲ ଗାଁର ଓଡ଼ିଆ ମାଝି। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ବାଇକ୍ ଆରୋହୀ ସୁରେଶ ମାଝି ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଟ୍ୟାଙ୍କର ଓ ବାଇକ୍ ଜଳିଯାଇଥିବା ଦେଖିବାକୁ ମିଳିଛି। ଖବରପାଇ ଟିକିରି ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ରାୟଗଡ଼ା ଏସ୍‌ଡିପିଓ ଦେବଜ୍ୟୋତି ଦାସଙ୍କ ସମେତ ଟିକିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

ସୂଚନା ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୧ଟାରେ ମହେଶ୍ୱର, ଓଡ଼ିଆ ଏବଂ ସୁରେଶ ବାଇକ ଯୋଗେ ରାଫକଣାଠାରୁ ଟିକିରି ଅଭିମୁଖେ

## ଘଟଣାସ୍ଥଳରେ ଜଳିଗଲା ୨ ଗାଡ଼ି

ଫେରୁଥିଲେ। ଶଙ୍କରଡ଼ା ଗ୍ରାମ ନିକଟରେ ଉତ୍କଳ ଆଲୁମିନା କାରଖାନାରୁ ଏକ ଆଲୁମିନା ପାଉଡ଼ର ବୋଝେଇ ଟ୍ୟାଙ୍କର ତାଙ୍କ ବାଇକକୁ ଧକ୍କାଦେଇଥିଲା । ଫଳରେ ବାଇକ୍ ଚାଳକ ମହେଶ୍ୱର ଏବଂ ଓଡ଼ିଆଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ସୁରେଶ ଗୁରୁତର ହୋଇଛନ୍ତି। ତାଙ୍କୁ ଉଷାପଡ଼ାସ୍ଥିତ ଉତ୍କଳ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ତାଙ୍କ ଅବସ୍ଥା ଏବେ ସ୍ଥିର ଥିବା ସୂଚନା ମିଳିଛି । ଟ୍ୟାଙ୍କର ବାଇକ୍‌କୁ ଧକ୍କାଦେବା ପରେ ପ୍ରାୟ ୨ଶହ ମିଟର ଘୋଷାଡ଼ିନେବାରୁ ବାଇକ୍ ଏବଂ ଟ୍ୟାଙ୍କରରେ ନିଆଁ ଲାଗିଯାଇଥିଲା । ଖବରପାଇ ଟିକିରି ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଖବର ଲେଖା ହେବା ସୁଦ୍ଧା ମୃତକଙ୍କ ପରିବାରକୁ ୫ ଲକ୍ଷ ଲେଖାଏଁ କ୍ଷତିପୂରଣ ଓ ପରିବାରର ଜଣଙ୍କୁ କମ୍ପାନୀରେ ଚାକିରି ଦାବିରେ ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତା ଅବରୋଧ କରାଯାଇଛି । ଫଳରେ ରାୟଗଡ଼ାଠାରୁ ଟିକିରି ଓ କାଶୀପୁରକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି।

# ଜିଲା ପ୍ରଶାସନରୁ ନର ନାରାୟଣ ସେବାଶ୍ରମକୁ ପଟ୍ଟା ପ୍ରଦାନ

ମାଲକାନଗିର, ୧୭।୬(ଦୁର୍ଯ୍ୟୋଧନ ପାତ୍ର)


ଜିଲାପାଳ ବିଶାଳ ସିଂ ଓ ଅନ୍ୟମାନେ ପଟ୍ଟା ପ୍ରଦାନ କରୁଛନ୍ତି ।

ମାଲକାନଗିରି ଜିଲା ସଦର ମହକୁମା ନରନାରାୟଣ ସେବାଶ୍ରମକୁ ଜିଲା ପ୍ରଶାସନ ତରଫରୁ ଶନିବାର ପଟ୍ଟା ପ୍ରଦାନ କରାଯାଇଛି। ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ ମାଲକାନଗିରି ଜିଲାରେ ନରନାରାୟଣ ସେବାଶ୍ରମ ନିଜର କାର୍ଯ୍ୟ ସୁଚାରୁ ରୂପେ ଚଳାଇ ଆସୁଥିବା ବେଳେ ଏହି ସେବାଶ୍ରମର କୌଣସି କାଗଜପତ୍ର, ନଥିପତ୍ର କିମ୍ବା ଜମି ପଟ୍ଟା ନ ଥିଲା। ଏ ବିଷୟରେ ସେବାଶ୍ରମ ତରଫରୁ ବାରମ୍ବାର ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଜଣାଇ ଆସୁଥିଲେ। ତେବେ ଗତ କିଛିଦିନ ପୂର୍ବେ ୫-ଟି ସଚିବ ଭି.କେ. ପାଣ୍ଡିଆନ ମାଲକାନଗିରି ଗସ୍ତରେ ଆସିଥିବା ସମୟରେ ମଧ ଏହି ସେବାଶ୍ରମ କର୍ତ୍ତୃପକ୍ଷ ପଟ୍ଟା ନିମନ୍ତେ ଆବେଦନ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଶନିବାର ଜିଲାପାଳଙ୍କ ନେତୃତ୍ୱରେ ସେବାଶ୍ରମକୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଛି। ତେଣୁ ନରନାୟାରଣ ସେବାଶ୍ରମର ସମସ୍ତ ସଭ୍ୟ ବୃନ୍ଦ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି ।

# ସମର୍ଥନ ଦେଲା ପ୍ରାଥମିକ ଶିକ୍ଷକ ସଂଘ

ମାଲକାନଗିର,୧୭।୬(ଦୁର୍ଯ୍ୟୋଧନ ପାତ୍ର)

ଜୁନ୍ ୧ରୁ ସାରା ରାଜ୍ୟରେ ଅମଲା ସଂଘ ତରଫରୁ ଏକ ଦଫା ଦାବି ନେଇ ଅମଲାମାନେ ସମୂହ ଛୁଟିରେ ରହିବା ସହ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରେ ଧାରଣା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ମାଲକାନଗିରିଜିଲାରେ ମଧ୍ୟ ମିଳିତ ଅମଲା ମଞ୍ଚ ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅମଲାମାନେ ଧାରଣାରେ ବସିଛନ୍ତି। ଏଥିପୂର୍ବେ ଅମଲା ମଞ୍ଚକୁ ଜିଲା ଓକିଲ ସଂଘ ଓ ଉତ୍କଳ ସାମ୍ବାଦିକ ସଂଘ ସମର୍ଥନ କରିଥିବା ବେଳେ ଶନିବାର ମାଲକାନଗିରି ଜିଲା ପ୍ରାଥମିକ ଶିକ୍ଷକ ସଂଘ ମଧ୍ୟ ସମର୍ଥନ କରିଛନ୍ତି। ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଦସ୍ୟମାନେ ମିଳିତ ଅମଲା ମଞ୍ଚ ଧାରଣା ସ୍ଥଳକୁ


ଧାରଣାରେ ବସିଥିବା ଅମଲା ସଂଘ କର୍ମକର୍ତ୍ତା ।

## ଜିଲା ମିଳିତ ଅମଲା ମଞ୍ଚର ଧାରଣା

ଯାଇ ସେମାନଙ୍କୁ ସମର୍ଥନ କରିଥିବା ଦେଖିବାକୁ ମିଳିଛି। ମିଳିତ ଅମଲା ମଞ୍ଚର ୧୯ଟି ସରକାରୀ କାର୍ଯ୍ୟାଳୟର ୪୦୦ରୁ ଉର୍ଦ୍ଧ୍ୱ ଅମଲା ସମୂହ ଛୁଟିରେ ଯାଇ ଧାରଣାରେ ବସିଥିବାରୁ ସମସ୍ତ କାର୍ଯ୍ୟାଳୟର କାମ ବନ୍ଦ ହୋଇଯାଇଛି। ଫଳରେ ବିଭିନ୍ନ କାର୍ଯ୍ୟାଳୟରେ ଜନସାଧାରଣଙ୍କ କାର୍ଯ୍ୟ ସମ୍ପୂର୍ଣ ବାଧାପ୍ରାପ୍ତ ହୋଇଛି। ମିଳିତ ଅମଲା ମଞ୍ଚର ଏକ ଦଫା ଦାବି ନ୍ୟାୟୋଚିତେ ଏହି ଦାବି ସରକାର ତୁରନ୍ତ ଗ୍ରହଣ କରି ତାଙ୍କ ଦାବିକୁ ପୂରଣ କରିବା ନିହାତି ଆବଶ୍ୟକ ବୋଲି ଜିଲା ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ପରାମର୍ଶ ଦିଆଯାଇଛି।

# ଶିଶୁ ଲିଙ୍ଗ ନିରୂପଣ ସମ୍ପର୍କିତ ପରାମର୍ଶଦାତା କମିଟି ବୈଠକ

ମାଲକାନଗିର,୧୭।୬(ଦୁର୍ଯ୍ୟୋଧନ ପାତ୍ର)


ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀ ।

ଲିଙ୍ଗ ନିରୂପଣ ନିଷିଦ୍ଧ ଆଇନ ୧୯୯୪ ଅନ୍ତର୍ଗତ ଜିଲା ପରାମର୍ଶଦାତା ଓ ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭ୍ରୂଣ ଚୟନ ଓ ନିରୂପଣ କଲେ ଆଇନ ଅନୁଯାୟୀ ୫ ବର୍ଷ ଜେଲ ଦଣ୍ଡର ବ୍ୟବସ୍ଥା ରହିଛି। ଜିଲାରେ ଥିବା ବିଭିନ୍ନ ଅଲଟ୍ରାସାଉଣ୍ଡ କ୍ଲିନିକଗୁଡିକରେ ପିଏନ୍‌ଡିଟି ଆଇନକୁ କଡାକଡି ପାଳନ କରିବା ନିମନ୍ତେ ଶନିବାର ଜିଲାପାଳ ବିଶାଲ ସିଂଙ୍କ ଅଧକ୍ଷତାରେ ବ୍ଲଡ ବ୍ୟାଙ୍କ ସମ୍ମିଳନୀ କକ୍ଷରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାରେ କନ୍ୟା ଭ୍ରୂଣ ହତ୍ୟାକୁ ନିୟନ୍ତ୍ରଣ କରିବା ନିମନ୍ତେ ଶିଶୁ କନ୍ୟାମାନଙ୍କ ଗୁରୁତ୍ୱକୁ ନେଇ ସଚେତନତା ସୃଷ୍ଟି ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ।

ସୂଚନା ଅନୁସାରେ, ଜିଲାରେ ବର୍ତ୍ତମାନ ୫ ପଞ୍ଜୀକୃତ ଅଲଟ୍ରାସାଉଣ୍ଡ କ୍ଲିନିକ୍ ରହିଛି। ୨ଟି ନୂତନ ଆବେଦନକୁ ବୈଠକରେ ଉପସ୍ଥାପନ କରାଯାଇଥିଲା। ଅଲଟ୍ରାସାଉଣ୍ଡ କେନ୍ଦ୍ରଗୁଡିକ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ସହ ଆବଶ୍ୟକ କାଗଜପତ୍ର ରଖୁ ନ ଥିବା କିମ୍ବା ନିୟମ ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି। କିଭଳି ତୃଣମୂଳସ୍ତରରେ ଲୋକ ସଚେତନ ହୋଇପାରିବେ ସେଥିପ୍ରତି ବିଭିନ୍ନ ପଦ କ୍ଷେପ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଭ୍ରୂଣ ଚୟନ ଓ ନିରୂପଣ ଦଣ୍ଡନୀୟ ଅପରାଧ। ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଯାହା ଭବିଷତରେ ସାମାଜିକ ବିଷମତା ଓ ବିଭ୍ରାଟ ସୃଷ୍ଟି କରିପାରେ। ଏଣୁ ଭ୍ରୂଣ ଚୟନ ଓ ନିରୂପଣ କାର୍ଯ୍ୟରୁ ନିବୃତ୍ତ ରହିବାକୁ କୁହାଯାଇଛି। ଯଦି କୌଣସି ଅଲଟ୍ରାସାଉଣ୍ଡ କ୍ଲିନିକରେ ଭ୍ରୂଣ ନିରୂପଣ କରାଯାଉଥିବା ସୂଚନା ମିଳିବ ତେବେ ତୁରନ୍ତ ପ୍ରଶାସନକୁ ଅବଗତ କରାଇବା ପାଇଁ କୁହାଯାଇଛି। ଏଥି ନିମନ୍ତେ ସୂଚନା ପ୍ରଦାନକାରୀଙ୍କୁ ୨୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ବ୍ୟବସ୍ଥା ରହିଛି। ପ୍ରତ୍ୟେକ ମାସରେ ଅତର୍କିତ ଚଢାଉ କରିବାକୁ ଜିଲାପାଳ କମିଟି କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଶା ଓ ଅଙ୍ଗନବାଡି କର୍ମୀମାନେ ଶତ ପ୍ରତିଶତ ପ୍ରାଥମିକ ଅବସ୍ଥାରେ ଗର୍ଭ ପଞ୍ଜୀକରଣ ନିମନ୍ତେ ପ୍ରବର୍ତ୍ତାଇବାକୁ ପରାମର୍ଶ ଦିଆଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି, ଡା. ଏ ମହାରଣା, ଡା. ଏସ୍.କେ.ମିଶ୍ର, ରଞ୍ଜନ ସ୍ୱାଇଁ, ଜୟନ୍ତୀ ବୁରୁଦା ଓ ସଂଯୁକ୍ତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ରାଇଘରରେ ପୁଣି ମାଓବାଦୀ ବ୍ୟାନର, ଲିଫ୍‌ଲେଟ୍

**ଜଙ୍ଗଲ ନ କାଟିବା, ଗଛ ଲଗାଇବାକୁ ଉଲ୍ଲେଖ**



ରାଇଘର, ୧୭।୬(କିରଣ ପଟ୍ଟନାୟକ) ରାଇଘର ଥାନା ଅଧୀନରେ ଥିବା ନାକଟିସିମଡ଼ା, ଚାଲାନପରା, ଚଡିଆପାରାରେ ମାଓବାଦୀ ବ୍ୟାନର ଓ ଲିଫ୍‌ଲେଟ ମିଳିଛି। ମେନପୁର ଡିଭିଜନ କମିଟି ପକ୍ଷରୁ ଏହି ବ୍ୟାନର ଓ ଲଫ୍‌ଲେଟ ମରାଯାଇଥିବା ସେଥିରେ ଉଲ୍ଲେଖ ରହିଛି। ଜଙ୍ଗଲ ନ କାଟିବା ସହ କଟାଯାଇଥିବା ଜାଗାରେ ନୂତନ ଗଛ ଲଗାଇବାକୁ କୁହାଯାଇଛି। ଏହାକୁ ଅମାନ୍ୟ କଲେ ପ୍ରଜାକୋର୍ଟରେ ମୃତ୍ୟୁ ଦଣ୍ଡ ଦିଆଯିବ ବୋଲି ଉକ୍ତ ବ୍ୟାନରରେ ଉଲ୍ଲେଖ କରାଯାଇଛି। ବ୍ୟାନର ଓ ଲଫ୍‌ଲେଟ ପଡ଼ିଥିବା ଖବରପାଇ ରାଇଘର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାହାକୁ ଜବତ କରିଛି। ପ୍ରକାଶ ଯେ, ଗତ କିଛି ମାସ ତଳେ ହାତୀଗାଁର ଜଣକୁ ଶ୍ୱାସରୁଦ୍ଧ କରି ଓ ଲଖନପୁରରେ ଜଣଙ୍କୁ ଗୁଳି କରି ମାଓବାଦୀମାନେ ହତ୍ୟା କରିଥିଲେ। ଏହାକୁ ନଜର ରଖି ହାତୀଗାଁରେ ପୋଲିସ ପକ୍ଷରୁ ଏକ ସିଆର୍‌ପିଏଫ୍ କ୍ୟାମ୍ପ ବସିଥିଲା। ଏହିପରି ରାଇଘରରେ ବର୍ତ୍ତମାନ ୩ଟି କ୍ୟାମ୍ପ ରହିଛି। ତଥାପି ମଧ ମାଓବାଦୀଙ୍କ ଏପରି କାର୍ଯ୍ୟକଳାପ ଦେଖାଯାଉଥିବାରୁ ଲୋକେ ଏବେ ଡରରେ ଅଛନ୍ତି।

### ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୧୭।୬ (ପବନ ପାଣିଗ୍ରାହୀ) ଜଣେ ଫେରାର ଅଭିଯୁକ୍ତଙ୍କୁ ଜୟପୁର ଟାଉନ ଥାନା ପୋଲିସ ଶନିବାର ଗିରଫ କରିଛି। ସେ ହେଲେ ଜୟନଗରର ସୁରେଶ ପଣ୍ଡା। ସୁରେଶଙ୍କ ନାମରେ ଟାଉନଥାନାରେ ଗତ ୨୦୧୩ରୁ ଏକ ଅପରାଧିକ ମାମଲା ରହିଥିଲା। ସେବେଠାରୁ ସେ ଫେରାର ଥିଲେ। ଏବେ ସୁରେଶ ଜୟପୁରରେ ଥିବା ସୂଚନା ପାଇ ପୋଲିସ ଚଢାଉ କରି ତାଙ୍କୁ ଧରିଥିଲା।

### ଅମଲାଙ୍କ ଦାବିକୁ ଶିକ୍ଷକ ସଂଘର ସମର୍ଥନ

ନବରଙ୍ଗପୁର,୧୭।୬(ସଦାଶିବ ପ୍ରହରାଜ) ଗୋଟିଏ ଦାବି ନେଇ ରାଜ୍ୟରେ ୩୦ ଜିଲାରେ ମିଳିତ ଅମଲା ସଂଘ ପକ୍ଷରୁ ସମୂହ ଛୁଟିରେ ରହି ଆନ୍ଦୋଳନ ଜାରି ରହିଛି। ମିଳିତ ଅମଲାଙ୍କ ନ୍ୟାଯ୍ୟ ଦାବିକୁ ରାଜ୍ୟ ବ୍ଲକ ଗ୍ରାଣ୍ଟ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘ ନବରଙ୍ଗପୁର ଶାଖା ସମର୍ଥନ କରୁଛି ବୋଲି ସଭାପତି ରାମଚନ୍ଦ୍ର ଦାଶ, ସମ୍ପାଦକ କାଶୀନାଥ ମହାନ୍ତି କହିଛନ୍ତି। ସରକାର ତୁରନ୍ତ ନ୍ୟାଯ୍ୟ ଦାବିକୁ ମାନିନିଅନ୍ତୁ ନଚେତ୍ ଆଗାମୀ ଦିନରେ ବ୍ଲକ ଗ୍ରାଣ୍ଟ ପ୍ରାପ୍ତ ୨୬୦୬ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ମିଳିତଭାବେ ଦାବି ହାସଲ ପର୍ଯ୍ୟନ୍ତ ଆନ୍ଦୋଳନ କରିବେ ବୋଲି କହିଛନ୍ତି। ପଡ଼ୋଶୀ ରାଜ୍ୟରେ ଅମଲାମାନଙ୍କ ଗ୍ରେଡ୍ ପେ ୪୨ଶହ ଥିବା ବେଳେ ଓଡ଼ିଶାରେ କାହିଁକି ଓ କେଉଁ ଉଦ୍ଦେଶ୍ୟରେ ଚାଲିଥିବା ଆନ୍ଦୋଳନକୁ ଅଣଦେଖା କରାଯାଉଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ରାଜ୍ୟର ନିର୍ବାଚିତ ପ୍ରତିନିଧିଙ୍କୁ ବାହାରକୁ ବୁଲିବା ସୁଯୋଗ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଉଥିବାବେଳେ ଅମଲାଙ୍କ ଦାବିକୁ କାହିଁକି ଅଣଦେଖା କରାଯାଉଛି ବୋଲି ବିଭିନ୍ନ ସ୍ତରରେ ଆଲୋଚନା କରାଯାଉଛି।

# ଡମ୍ପିଂ ୟାର୍ଡ ଭ୍ରମ ସୃଷ୍ଟି କରୁଛି ନୋଡାଲ ଆର୍‌ସିଡି ହାଇସ୍କୁଲ

**ସ୍କୁଲ ପରିସରରେ ପଡିରହିଛି ୧୦୦ରୁ ଊର୍ଦ୍ଧ୍ୱ ହାତଧୁଆ ବେସିନ୍**

ନବରଙ୍ଗପୁର,୧୭।୬(ସଦାଶିବ ପ୍ରହରାଜ)

୫-ଟି ମାଧ୍ୟମରେ ହାଇସ୍କୁଲଗୁଡ଼ିକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ରୂପାନ୍ତରଣ କରାଯାଉଛି। ଏହାର ରକ୍ଷଣାବେକ୍ଷଣ ଠିକ୍ ଭାବେ କରିବାକୁ ୫-ଟି ସଚିବ ପ୍ରତ୍ୟେକ ଉଦ୍‌ଘାଟନ ସମୟରେ କହୁଛନ୍ତି। ତେବେ ଏହାର ଓଲଟା ଚିତ୍ର ନବରଙ୍ଗପୁର ସଦର ମହକୁମା ନୋଡାଲ ଆର୍‌ସିଡି ହାଇସ୍କୁଲରେ ଦେଖିବାକୁ ମିଳିଛି।

ନବରଙ୍ଗପୁର ନୋଡାଲ ଆର୍‌ସିଡି ହାଇସ୍କୁଲକୁ ୨ ବର୍ଷ ତଳେ ରୂପାନ୍ତରଣ କରାଯାଇଥିଲା। କିନ୍ତୁ ରକ୍ଷଣାବେକ୍ଷଣା ଅଭାବରୁ ସେଠାରେ ଖଞ୍ଜାଯାଇଥିବା ସିମେଣ୍ଟ ଚେୟାରଗୁଡିକ ଭାଙ୍ଗିଗଲାଣି। ଡାଇନିଂ ହଲ୍ ନିକଟରେ ଅରମାବଣ ଦେଖାଦେଇଛି। ସେଠାରେ କରାଯାଇଥିବା ସୁନ୍ଦର ଡିଜାଇନ ସବୁ ଶିଉଳି ଖାଇ କଳା ପଡ଼ିଗଲାଣି। କିଛିବର୍ଷ ପୂର୍ବରୁ ଚକାଚକ କରୁଥିବା ହାଇସ୍କୁଲଟି ଏବେ ଲୋକଙ୍କ ଆଖିକୁ ଅସୁନ୍ଦର ଦେଖାଯାଉଛି। ହାଇସ୍କୁଲର ଶ୍ରେଣୀଗୃହ ଓ ହଷ୍ଟେଲ ପଛପାଖରେ ଏକ ଡମ୍ପିଂ ୟାର୍ଡ ଭଳି ଅନେକ ଜିନିଷ ରଖାଯାଇଛି। ସେଠାରେ ୧୦୦ରୁ ଅଧିକ ହାତଧୁଆ ବେସିନ୍ ବର୍ଷେ ହେବ ପଡି ରହିଛି। ସେଗୁଡିକ ଏବେ ଖତ ଖାଇଗଲାଣି। ତତ୍କାଳୀନ ନବରଙ୍ଗପୁର ବିଇଓ ମଧ୍ୟାହ୍ନଭୋଜନ ପରେ ଛାତ୍ରୀଛାତ୍ର ହାତ ଧୋଇବା ପାଇଁ ଏକ ବ୍ୟବସାୟୀଙ୍କୁ କହି ବେସିନ ଅଣାଇଥିଲେ। କିଣିବା ପାଇଁ ଅନୁମୋଦନ ନ ମିଳିବାରୁ ତାହାକୁ ଆର୍‌ସିଡି ହାଇସ୍କୁଲ ବାଳିକା ବିଭାଗ ପରିସରରେ ପ୍ରାୟ ଏକ ବର୍ଷ ହେବ ରଖାଯାଇଛି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ସମଗ୍ର ଶିକ୍ଷା ପ୍ଲାନିଂ କୋଅର୍ଡିନେଟର ପ୍ରଦୀପ୍ତ ଷଡଙ୍ଗୀ, କନିଷ୍ଠ ଯନ୍ତ୍ରୀ ଉର୍ଜା ଦୀପଙ୍କୁ ପଚାରିବାରୁ ସେମାନଙ୍କ ନିକଟରେ ଖବର ନ ଥିବା କହିଛନ୍ତି। ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ନାୟକଙ୍କୁ ପଚାରିବାରୁ ବିଗିଡ଼ିଥିଲେ। ୫-ଟି ବିଦ୍ୟାଳୟରେ ଏହା ଲଗାଇବାକୁ ମଗାଯାଇଥିଲା। ପସନ୍ଦ ନ ହେବାରୁ ଦୋକାନୀ ଛାଡ଼ିଦେଇ ଚାଲି ଯାଇଛନ୍ତି। ବର୍ଷେ ନୁହେଁ ୬ ମାସ ହେବ ଏହା ପଡ଼ି ରହିଛି। ଦୋକାନୀ ସେ ସବୁ ନେଇଯିବେ ବୋଲି ପ୍ରଦାନ ଶିକ୍ଷୟିତ୍ରୀ କହିଛନ୍ତି। ଦୋକାନୀଙ୍କୁ ସେଠାରୁ ବେସିନ ଉଠାଇ ନେବାପାଇଁ ଚିଠି କରାଯାଇଛି କି ବୋଲି ପ୍ରଶ୍ନ କରିବାରୁ କାହାର କିଛି ଅସୁବିଧା ହେଉଛି କି ବୋଲି ପ୍ରଧାନ ଶିକ୍ଷୟିତ୍ରୀ ପାଲଟା ପ୍ରଶ୍ନ କରିଥିଲେ। କେଉଁ ଦୋକାନୀ ଓ ଏଜେନ୍ସି ବେସିନ ଆଣିଥିଲେ ପଚାରିବାରୁ ସେ ଦୋକାନୀଙ୍କ ନାଁ କହି ନ ଥିଲେ। ପଡିରହିଥିବା ବେସିନଗୁଡିକ ଆସିଲା କେଉଁଠୁ, କିଏ ଆଣି ରଖିଛି ଓ କେଉଁ ବ୍ୟକ୍ତି ମଗାଇଥିଲେ ତାହାର ତଦନ୍ତ କରିବାକୁ ଦାବି ହେଉଛି। ଏନେଇ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି କରାଯାଇଛି।




ଡମ୍ପିଂ ୟାର୍ଡ ଭଳି ପଡ଼ିରହିଛି ହାତଧୁଆ ବେସିନ।

# ଟାଟା ପାୱାର କାର୍ଯ୍ୟାଳୟ ଆଗରେ ଭାଜପାର ବିକ୍ଷୋଭ

ଚନ୍ଦାହାଣ୍ଡି, ୧୭।୬(ଦିଲ୍ଲୀପ ଦାସ)

ଅଘୋଷିତ ବିଦ୍ୟୁତ୍ କାଟ ବିରୋଧରେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଓ ମାଲଗାଁ ମଣ୍ଡଳ ଭାଜପା କର୍ମକର୍ତ୍ତା ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଲିଖିତଭାବେ ବିଭାଗୀୟ ଲାଇନ୍ ଜେଇ ସମର ବଲ୍ଲଭ ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଟାଟା ପାୱାର କର୍ତ୍ତୃପକ୍ଷ ଉପଭୋକ୍ତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ବିଦ୍ୟୁତ୍ କାଟ ଭଳି ସମସ୍ୟା ସମାଧାନ ନ କଲେ ଆଗାମୀ ଦିନରେ ଅସନ୍ତୋଷ ବୃଦ୍ଧି ପାଇବା ସହ ଏକ ବଡ ଧରଣର ଆନ୍ଦୋଳନ ହେବ ବୋଲି ଭାଜପା ପକ୍ଷରୁ ଚେତାବନୀ ଦିଆଯାଇଛି।

ବ୍ଲକରେ ବିଦ୍ୟୁତ୍ କାଟ ଏବେ ନିତିଦିନିଆ ଘଟଣା। ୨୦୨୧ରୁ ଟାଟା ପାୱାର ସାଉଥ୍ କୋଠାରୁ ବିଦ୍ୟୁତ ବିତରଣ ଦାୟିତ୍ୱ ନେଇଛି। ବର୍ଷ ଆରମ୍ଭରୁ କିନ୍ତୁ ଏ ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ଲାଗି ରହିଛି। ଟାଟା ପାୱାର ଦାୟିତ୍ୱ ନେବାର ଦୀର୍ଘ ୨ ବର୍ଷ ୭ମାସ ଅତିବାହିତ ହୋଇଯାଇଥିଲେ ମଧ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ସୁଫଳ ମିଳିନି। ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଉପଭୋକ୍ତା ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ପ୍ରତିଦିନ ବ୍ଲକର ବିଭିନ୍ନ ସ୍ଥାନରେ ବହୁ ସମୟ ଧରି ବିଦ୍ୟୁତ କାଟ ହେଉଛି। କିଛି ଦିନ ହେବ ଏହି ସମସ୍ୟା ବଢ଼ିବାରେ ଲାଗିଛି। ଅସହ୍ୟ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ବିଦ୍ୟୁତ୍ କାଟ ଲୋକଙ୍କ ପାଇଁ ବୋଝ ଉପରେ ଲଳିତା ବିଡ଼ା ସଦୃଶ ବୋଲି ଲୋକେ କହିଛନ୍ତି। ଏଥିସହ ବିଳମ୍ବିତ ରାତିରେ ବିଦ୍ୟୁତ୍ କାଟ ହେଉଥିବାରୁ ଏହାର ସୁଯୋଗ ନେଇ ଲୁଟେରାମାନେ ସକ୍ରିୟ ହୋଇପଡ଼ିବା ସହ କେତେକ ସ୍ଥାନରେ ଛୋଟ ମୋଟ ଚୋରି ହେଉଛି। ଟାଟା ପାୱାର ଦାୟିତ୍ୱ ଗ୍ରହଣ କରିବା ପରେ ଭିତ୍ତିଭୂମିର ବିକାଶ ଉପରେ ଯେତିକି ଗୁରୁତ୍ୱ ଦେବା କଥା ତାହା ନକରି ରାଜସ୍ୱ ଆଦାୟ ପଛରେ ଲାଗିପଡ଼ିଥିବା ଅଭିଯୋଗ ହେଉଛି। ଦାବିପତ୍ର ପ୍ରଦାନ ସମୟରେ ରାୟଗଡ଼ା ଜିଲା ପ୍ରଭାରୀ ଗୋବିନ୍ଦ ଜୈନ, ଆଦିବାସୀ ମୋର୍ଚ୍ଚା ଜିଲା ସଭାପତି ଶ୍ୟାମସୁନ୍ଦର ମାଝି, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଦିଲ୍ଲୀପ ଦାସ, ମାନସିଂହ ଚୌହାନ, ଯାଦବ ବର୍ଗଡ଼, ଲଚିନ ବାଘ, ସୁବଳ ବାଘ, ଜଗଦୀଶ ସୁନାଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# କାର୍ଯ୍ୟକ୍ଷମ ହେଉନି ସାର୍ବଜନିକ ଦେୟମୁକ୍ତ ଶୌଚାଳୟ

ଝରିଗାଁ,୧୭।୬(କିଶୋର ଚନ୍ଦ୍ର ମଣ୍ଡଳ)

ଗ୍ରାମାଞ୍ଚଳର ବିକାଶ ନେଇ ଯୋଜନା ଆସୁଛି। କିନ୍ତୁ ଅବହେଳା ଓ ଆନ୍ତରିକତା ଅଭାବ ଯୋଗୁ ତାହା କାର୍ଯ୍ୟରେ ଆସୁନାହିଁ। ଏହାର ଏକ ଜ୍ୱଳନ୍ତ ଉଦାହରଣ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦର ମହକୁମାରେ ଦେଖିବାକୁ ମିଳିଛି।

ଏଠାରେ ୨୦୧୯-୨୦ରେ ୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଶୌଚାଳୟ ନିର୍ମାଣ କରାଯାଇଥିଲା। ଉକ୍ତ ଶୌଚାଳୟକୁ ୨୦୨୦ ନଭେମ୍ବର ୬ରେ ଏମ୍‌ପି ରମେଶ ଚନ୍ଦ୍ର ମାଝି ଏବଂ ସ୍ଥାନୀୟ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଉଦ୍‌ଘାଟନ କରିଥିଲେ।

- ଉଦ୍‌ଘାଟନକୁ ବିତିଲାଣି ୨ବର୍ଷ ୭ ମାସ
- ଶୌଚାଳୟ ନ ଥିବାରୁ ଯାତ୍ରୀ ହନ୍ତସନ୍ତ



ବନ୍ଦ ହୋଇ ପଡିରିବା ଶୌଚାଳୟ ।

ଇତିମଧ୍ୟରେ ଉଦ୍‌ଘାଟନର ୨ ବର୍ଷ ୭ ମାସ ବିତିଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ସାର୍ବଜନିକ ଦେୟମୁକ୍ତ ଶୌଚାଳୟ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ଶୌଚାଳୟଟି ବସ୍‌ଷ୍ଟାଣ୍ଡ ନିକଟରେ ରହିଛି। କିନ୍ତୁ ଏହା କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଝରିଗାଁ ଦେଇ ଯାତାୟାତ କରୁଥିବା ଶହ ଶହ ଯାତ୍ରୀ ପ୍ରତିଦିନ ପରିସ୍ରା କିମ୍ବା ଝାଡ଼ା ଯିବା ନେଇ ଏଣେତେଣେ ନିଛାଟିଆ ସ୍ଥାନ ଖୋଜୁଛନ୍ତି। ତେଣୁ ଉକ୍ତ ଶୌଚାଳୟ କାର୍ଯ୍ୟକ୍ଷମ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ହାଇ ଭୋଲ୍‌ଟେଜରୁ ଶର୍ଟ ସର୍କିଟ

ତେନ୍ତୁଲିଖୁଣ୍ଟି, ୧୭।୬(ଚିଦାନନ୍ଦ ସାହୁ)

ତେନ୍ତୁଲିଖୁଣ୍ଟି ବ୍ଲକର ଅଞ୍ଚଳଗୁମ୍ମା ପଞ୍ଚାୟତରେ ହଠାତ୍ ୪୪୦ ହାଇ ଭୋଲ୍‌ଟେଜ ଦିଆଯାଇଥିଲା। ଫଳରେ ଗାଁ ଲୋକଙ୍କ ଟିଭି, କୁଲର, ଫ୍ରିଜ୍,ଘରର ସମସ୍ତ ବଲ୍‌ବ୍, କମ୍ପ୍ୟୁଟର,ମଟର, ଇନ୍‌ଭୋଟର ଓ ଇଣ୍ଡକ୍ସନ ଚୁଲା ଆଦି ପୋଡ଼ି ଯାଇଛି। ପ୍ରାୟ ୫୦ ଲକ୍ଷ ଟଙ୍କାର କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି। ସନ୍ଧ୍ୟାରେ ସମସ୍ତଙ୍କ ଘରେ ବଲ୍‌ବ, ଟିଭି, କୁଲର, ଫ୍ରିଜ, ଫ୍ୟାନ ଆଦି ଲାଗିଥିଲା। ଏହି ସମୟରେ ହାଇ ଭୋଲ୍‌ଟେଜ ହେବାରରୁ ଶର୍ଟ ସର୍କିଟ ହୋଇ ଅନେକଙ୍କ ଟିଭି,ଫ୍ରିଜ,ଫ୍ୟାନ ଆଦି ପୋଡ଼ିଯାଇଛି। ଟାଟା ପାୱାର ବିନା ଟ୍ରେନିଂରେ ହେଲପର ପିଲାଙ୍କୁ ନିଯୁକ୍ତି ପ୍ରଦାନ କରି ମେଣ୍ଟେନାନ୍ସ ଦାୟିତ୍ୱ ଦେଉଥିବାରୁ ଏପରି ହୋଇଛି ବୋଲି ଅଭିଯୋଗ ହୋଇଛି। ମଧ୍ୟରାତ୍ର ପର୍ଯନ୍ତ ଟାଟା ପାୱାର ଗାଡିକୁ ଅଟକାଇ ରଖିଥିଲେ ଗ୍ରାମବାସୀ। ତେନ୍ତୁଲିଖୁଣ୍ଟି ଜେଇ ଆସିବାରୁ ଅଭିଯୋଗପତ୍ର ପ୍ରଦାନ କରି ତୁରନ୍ତ ଏଥିପ୍ରତି ପଦକ୍ଷେପ ନେବାକୁ ସେମାନେ ଅନୁରୋଧ କରିଥିଲେ।

# ଛାତ୍ରୀଛାତ୍ରଙ୍କ କ୍ୟାରିୟର କାଉନ୍‌ସେଲିଂ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ରାଇଘର, ୧୭।୬(କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘରସ୍ଥିତ ଆଇଟିଆଇ ସଭାଗୃହରେ ରାଣୀ ଦୁର୍ଗାବତୀ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଏକ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ କରାଯାଇଛି। ଜିଲା ମଙ୍ଗଳ ଅଧିକାରୀ ପଲକ ରବୀନ୍ଦ୍ର ମୁଖ୍ୟ ଅତିଥି, ଅଶୋକ ନାୟକ, ବିଡିଓ ଶରତ ମାଝି, ଏବିଡିଓ ବିଜୟ ସେଠୀ, ଅତିରିକ୍ତ ତହସିଲଦାର ଜଗୁ ପୂଜାରୀ, ଘନଶ୍ୟାମ ବେହେରା, ଯୋଡିଙ୍ଗା କନ୍ୟାଶ୍ରମ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ଜେନା, ଓଏଫ୍‌ଏସ୍ ଦୀପାରାଣୀ ଗଣ୍ଡ, ଓଇଏସ୍ ରଶ୍ମିତା ଗଣ୍ଡ, ବିଏଏମ୍‌ଏସ୍ ଡା. କଲ୍ୟାଣୀ ନାୟକ ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତା ଭାବେ ମାଣିରାମ ଗଣ୍ଡ ଯୋଗଦେଇଥିଲେ। ନିଜକୁ ଦୁର୍ବଳ ନ ଭାବି ମନୋବଳ ମଜଭୁତ କରି ଉଦ୍ୟମ କଲେ ଉତ୍ତୀର୍ଣ୍ଣ ହୋଇ ସମାଜ ସେବାରେ ଲାଗି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ପିଲାମାନଙ୍କୁ ଆହ୍ୱାନ ଦେଇଥିଲେ। ମାଟ୍ରିକ ପରୀକ୍ଷା ପରେ ଉଚ୍ଚଶିକ୍ଷା ପାଇଁ କ'ଣ କରିବାକୁ ପଡ଼ିବ ଏବଂ କିଏ କେଉଁ ଶିକ୍ଷା ନେଲେ କ'ଣ ହୋଇପାରିବ ସେ ବିଷୟରେ ଅବଗତ କରାଯାଇଛି। ଅତିଥିମାନେ ନିଜ ସଂଘର୍ଷମୟ ଜୀବନ ସମ୍ପର୍କରେ କହିଥିଲେ। ରାଇଘର ପରି ଉପାନ୍ତ ଅଞ୍ଚଳରେ ସରକାରୀ ସାହାଯ୍ୟରେ ଆଗକୁ ବଢ଼ି ନିଜେ ଆତ୍ମନିର୍ଭରଶୀଳ ହେବାକୁ ଅତିଥିମାନେ ବୁଝାଇଥିଲେ। ନୂତନଭାବେ ସିଭିଲ ସର୍ଭିସ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ରାଇଘର ଅଞ୍ଚଳର ପ୍ରତିଭାମାନେ ନିଜ ଅନୁଭୂତି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଜଣାଇଥିଲେ। ମଣିରାମ ଗଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୬ କୋଟି ୫୦ ଲକ୍ଷ ଟଙ୍କା ପ୍ରକଳ୍ପର ଶିଳାନ୍ୟାସ କରିବେ ମନ୍ତ୍ରୀ

ନବରଙ୍ଗପୁର,୧୭।୬(ସଦାଶିବ ପ୍ରହରାଜ)

ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରି ଅନୁସୂଚିତ ଜନଜାତିଙ୍କ ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଏନେଇ ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝିଙ୍କ ନେତୃତ୍ୱରେ ରବିବାର ନବରଙ୍ଗପୁର ସର୍କିଟ ହାଉସ ନିକଟ ପଡିଆଠାରେ ସାଧାରଣ ସଭା ହେବ। ଏନେଇ ସ୍ଥାନୀୟ ଏକ ହୋଟେଲରେ ଜନଜାତି ସୁରକ୍ଷା ମଞ୍ଚ ପକ୍ଷରୁ ଆହୁତ ଖବରଦାତା ସମ୍ମିଳନୀରେ ମଞ୍ଚ ସଭାପତି ଗୋପୀନାଥ ମାଝି ଶନିବାର ଏହି ସୂଚନା ଦେଇଛନ୍ତି।

ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ଚାମୁରିଆ ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ସର୍କିଟ ହାଉସ ନିକଟ ପଡିଆରେ ପହଞ୍ଚିବ। ପାରମ୍ପାରିକ ବେଶଭୂଷା ସହ ଭିନ୍ନ ଭିନ୍ନ ଜନଜାତିଙ୍କ ନାଚ ମଧ୍ୟ ଏଥିରେ ଶୋଭା ପାଇବ। ନବରଙ୍ଗପୁର ଜିଲାର ୧୩ ଆଦିବାସୀ ସମ୍ପ୍ରଦାୟ ତଥା ସଙ୍ଗଠନ ସଭାପତି, କର୍ମକର୍ତ୍ତା ଏହି ଶୋଭାଯାତ୍ରାରେ ସାମିଲ ହେବେ। ମୁଖ୍ୟ ଅତିଥିଭାବେ ଅନୁସୂଚିତ ଜନଜାତି ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ପ୍ରଥମ ପର୍ଯ୍ୟାୟରେ ୧୬ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଅଖିଳ ଭତରା କହିଥିଲେ, ଜିଲାରେ ୬୦ ପ୍ରତିଶତ ଆଦିବାସୀ ରହିଛନ୍ତି। ଜନସଂଖ୍ୟା ପ୍ରାୟ ୭ ଲକ୍ଷରୁ ଊର୍ଦ୍ଧ୍ୱ ହେବ। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଜିଲାର ୯ ଟି ବ୍ଲକରେ ୩୦ ଲକ୍ଷ ଟଙ୍କା ବ୍ୟୟରେ ଆଦିବାସୀ ଭବନ ନିର୍ମାଣ ହେବ। ଏହା ସହ ୫ କୋଟି ଟଙ୍କାରେ ଆଦିବାସୀ ଭବନ ଓ ସଂଗ୍ରହାଳୟ ହେବ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭାପତି, ଲ୍ୟାମ୍ପସ୍ ସଭାପତି, ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ବିଧାୟକ ସଦାଶିବ ପ୍ରଧାନୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଆୟୋଜିତ ଖବରଦାତା ସମ୍ମିଳନୀରେ ଅଖିଳ ଭାରତ ଭତରା ବିକାଶ ପରିଷଦ ଜିଲା ସଭାପତି ଅର୍ଜୁନ ଭତରା, ଜନଜାତି ସୁରକ୍ଷା ମଞ୍ଚ ସମ୍ପାଦକ ରତନ ମାଝି, ଖାଡ଼େଶ୍ୱର ଜାନୀ ଓ ଜଗତ ଜୀବନ ନାୟକ ଉପସ୍ଥିତ ଥିଲେ।



ଜନଜାତି ସୁରକ୍ଷା ମଞ୍ଚ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ।

# ହିତାଧିକାରୀଙ୍କୁ ଚାଉଳ ନ ଦେଇ ପଳାଇଲେ ପିଇଓ

ତେନ୍ତୁଲିଖୁଣ୍ଟି, ୧୭।୬(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ କାମତା ପଞ୍ଚାୟତ ଅଫିସରେ ବଡ଼ତାରାଗୁଡ଼ା, କୁସୁମୀ ଗାଁର ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀଙ୍କୁ ଚାଉଳ ଶନିବାର ବଣ୍ଟନ କରାଯାଉଥିଲା। କିନ୍ତୁ ଷ୍ଟକରେ ଚାଉଳ ନ ଥିବା କହି ପିଇଓ ମୋହନ ଗୌଡ଼ ଅଧାରୁ ପଳାଇଥିଲେ। କାମତା ଯୋଗାଣ ସହାୟକଙ୍କ ଅନୁପସ୍ଥିତିରେ ତାଙ୍କ ସମ୍ପର୍କୀୟ ପଡ଼ି କାର୍ଡ ତଦାରଖ କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ହିତାଧିକାରୀଙ୍କୁ ପ୍ରତି ମାସରେ ଚାଉଳ ଦେବାର ନିୟମ ରହିଛି। କିନ୍ତୁ କାମତା ପଞ୍ଚାୟତର ହିତାଧିକାରୀଙ୍କୁ ଏହି ଚାଉଳ ୩ମାସ ହେବ ମିଳି ନ ଥିବା ଖବର ପ୍ରକାଶ ପାଇଥିଲା। ବ୍ଲକ ଏମ୍‌ଆଇ ରୋହିତ ମାଝି ହିତାଧିକାରୀଙ୍କୁ ଚାଉଳ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହିତାଧିକାରୀ ନିଜ ହକ୍‌ର ଚଚାଉଳ ପାଇବେ ବୋଲି ସେ କହିଥିଲେ। ଏହାପରେ ଶନିବାର ଚାଉଳ ବଣ୍ଟନ କରାଯାଇଥିଲା। ଗାଁର ୫୦ ପରିବାରକୁ ୨ ମାସର ଚାଉଳ ମିଳିଥିଲା। ପ୍ରାୟ ୪୦ କୁଇଣ୍ଟାଲ ଚାଉଳ ଷ୍ଟକରେ କମ୍ ଥିବା କଥା କହି ଚାଉଳ ବଣ୍ଟନ ବନ୍ଦ କରାଯାଇଥିଲା। ଏହାକୁ ନେଇ ହିତାଧିକାରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଘଟଣା ସମ୍ପର୍କରେ ଏମ୍‌ଆଇ ରୋହିତ ମାଝିଙ୍କୁ ପଚାରିବାରୁ ଚାଉଳ ଷ୍ଟକ୍ କମ୍ ଥିବାରୁ ଏପରି ଅସୁବିଧା ଦେଖାଦେଇଛି। ସୋମବାର ହିତାଧିକାରୀଙ୍କୁ ଚାଉଳ ମିଳିବ ବୋଲି ସେ କହିଛନ୍ତି।



ଚାଉଳ ନେବାକୁ ଆସିଥିବା ହିତାଧିକାରୀମାନେ।

# ସାଧାରଣ ନିର୍ବାଚନ ଜିତିବାକୁ କର୍ମୀଙ୍କୁ ଗୁରୁମନ୍ତ୍ର

ଡାବୁଗାଁ, ୧୭।୬ (ପ୍ରଜ୍ଞା ରଞ୍ଜନ ପରିଡ଼ା)

**ବ୍ଲକ କଂଗ୍ରେସ ସାଙ୍ଗଠନିକ ବୈଠକ**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରରେ ଡାବୁଗାଁ ବ୍ଲକ କଂଗ୍ରେସର ଏକ ସାଙ୍ଗଠନିକ ବୈଠକ ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଭୁଜବଳ ମାଝି ଯୋଗ ଦେଇଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ସଫଳତା ନେଇ ସେ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଦଳକୁ ତୃଣମୂଳ ସ୍ତରରୁ କିପରି ସୁଦୃଢ଼ କରାଯିବ ସେନେଇ ଆଲୋଚନା କରାଯାଇଥିଲା। ଏହାସହ ବିଭିନ୍ନ ସମସ୍ୟା ନେଇ ୧୯ ତାରିଖରେ ଡାବୁଗାଁ ମେଡିକାଲ, କୃଷି ଅଧିକାରୀ, ବିଡିଓ ଓ ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବା ନେଇ ଆଲୋଚନା ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ପାପଡ଼ାହାଣ୍ଡି ବ୍ଲକ ଜିଲା ପରିଷଦ ସଭ୍ୟା ଡା. ଲିପିକା ମାଝି, ଜିଲା ସାଧାରଣ ସମ୍ପାଦକ ବବି ଜେନା, ବ୍ଲକ କଂଗ୍ରେସ କମିଟି ଉପସଭାପତି ଧର୍ମାନନ୍ଦ ନାୟକ ଓ କୃଶ ପନକା, ଜୋନ-୧ ସଭାପତି ପ୍ରକାଶ ଚନ୍ଦ୍ର ପଣ୍ଡା, ଜୋନ-୨ ସଭାପତି ବଂଶୀଧର ମାଝି, ବ୍ଲକ ଓବିସି ସେଲ ସଭାପତି ତ୍ରିନାଥ କଲାର, ଯୁବ କଂଗ୍ରେସ ସଭାପତି ଶଶୀଧର ମାଝି, ଯୁବ କଂଗ୍ରେସ ଉପସଭାପତି ଡମ୍ବରୁ ପନକା, ଜିଲା ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ସୁରେନ ତନ୍ତୀ, ଡାବୁଗାଁ ସରପଞ୍ଚ ବିନୋଦ ସୌରା, ଆଶୁତୋଷ ଜେନା, ରାମେଶ୍ୱର ପାଣିଗ୍ରାହୀ, ଚନ୍ଦ୍ର ପନକା, ଅନିରୁଦ୍ଧ ଭତ୍ରା, ଈଶ୍ୱର ଦାଶ, ଭାଗୀରଥୀ ମାଝିଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ନେତା ଓ କର୍ମୀମାନେ।

# ଉନ୍ନୟନ କାର୍ଯ୍ୟ ଠପ୍, ହୋଇପାରୁନି ବିଲ୍

ତେନ୍ତୁଲିଖୁଣ୍ଟି, ୧୭।୬(ଚିଦାନନ୍ଦ ସାହୁ)

**ଅମଲାଙ୍କ ଆନ୍ଦୋଳନ, କର୍ମଚାରୀ ଅଭାବ ମୁଖ୍ୟ କାରଣ**

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ସଫଳ ରୂପାୟନ ନେଇ କର୍ମଚାରୀ ନିଯୁକ୍ତି କରାଯାଉଛି। କିନ୍ତୁ ଏବେ ଚାଲିଥିବା ଅମଲାଙ୍କ ଧର୍ମଘଟ ଓ କମ୍ ସଂଖ୍ୟକ କର୍ମଚାରୀ ଥିବାରୁ ଉନ୍ନୟନ କାର୍ଯ୍ୟ ଠପ୍ ହୋଇ ପଡ଼ିଛି। ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକର ୧୫ ପଞ୍ଚାୟତ ରହିଥିବା ବେଳେ ପଞ୍ଚାୟତ ନିବାହୀ ଅଧିକାରୀ ସଂଖ୍ୟା ୪। ଏତେ କମ୍ ସଂଖ୍ୟକ ଅଧିକାରୀଙ୍କୁ ନେଇ ଉନ୍ନୟନ କାମ ହୋଇପାରୁନାହିଁ। ଅମଲାମାନେ ଜୁନ୍ ପହିଲାରୁ ଧର୍ମଘଟରେ। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜଗମୋହନ ମାଝିଙ୍କୁ ୨ ବ୍ଲକ ଦାୟିତ୍ୱ ମିଳିଛି। ବ୍ଲକରେ ବିଏସ୍‌ଏସ୍‌ଓ ପଦବୀରେ ସ୍ଥାୟୀ ଅଧିକାରୀ ନାହାନ୍ତି। ଦାୟିତ୍ୱରେ ଜଣେ ଅମଲା ରହିଛନ୍ତି। ଅମଲାଙ୍କ ଧର୍ମଘଟ ପରେ ଉକ୍ତ ବିଭାଗ କାମ ମଧ ଠପ୍ ହୋଇ ପଡ଼ିଛି। ସ୍ୱାସ୍ଥ୍ୟଗତ କାରଣରୁ ଜିପିଇଓ ମଣ୍ଟୁ ସ୍ୱାଇଁ ଦୀର୍ଘଦିନ ଧରି ଛୁଟିରେ ଥିଲେ। ଫଳରେ ଅନେକ କାମ ଅଟକି ରହିଥିଲା।

ବିଡିଓ ମନୋଜ ପାଣିଗ୍ରାହୀ ଲୋକଙ୍କ ସମସ୍ୟା ବୁଝି ତାହାକୁ ସମାଧାନ କରିବାକୁ ଚେଷ୍ଟା କରୁଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷ ବଜେଟ ପଞ୍ଚାୟତସ୍ତରରେ ଆସିଯାଇଛି। କିଛି ପଞ୍ଚାୟତ ଅନ୍‌ଲାଇନ ପ୍ରୋଜେକ୍ଟ ତିଆରି କରି ଦେଇଛନ୍ତି। ଜଣେ ପିଇଓ ଦୁଇ ଦୁଇଟି ପଞ୍ଚାୟତ ଦାୟିତ୍ୱରେ ଥିବା କାରଣରୁ ବଜେଟ ଆସି ୬ମାସ ବିତି ଯାଇଥିଲେ ସୁଦ୍ଧା ନିଜ ପଞ୍ଚାୟତ ପ୍ରୋଜେକ୍ଟ ଅନ୍‌ଲାଇନ କରିନାହାନ୍ତି। ବର୍ତ୍ତମାନ ଜିପିଇଓ ଛୁଟିରେ ଥିବା ଯୋଗୁ ପ୍ରୋଜେକ୍ଟ ଅନ୍‌ଲାଇନ ହୋଇପାରୁନି କି ଅନ୍‌ଲାଇନ ହୋଇଥିବା ପ୍ରୋଜେକ୍ଟ ରେଜିଷ୍ଟର ହୋଇପାରୁନାହିଁ। ଏହାଦ୍ୱାରା ପଞ୍ଚାୟତସ୍ତରରେ ଗାଁ ଗୁଡିକର ସମସ୍ୟା ସମାଧାନ ହୋଇ ପାରୁନାହିଁ କି ନୂତନ ପ୍ରକଳ୍ପ ହାତକୁ ନେଇ ରୂପାୟନ ହୋଇପାରିନାହିଁ। ବିଶେଷଭାବେ ଡ୍ରେନେଜ ସମସ୍ୟା। ଡ୍ରେନ୍ ସଫା ହୋଇପାରୁନାହିଁ । ଆଗକୁ ବର୍ଷାଋତୁ ଥିବାବେଳେ ନାଳନର୍ଦ୍ଦମାର ଦୂଷିତ ପାଣିରେ ମଶା, ମାଛି ବଢ଼ିଲେ ମ୍ୟାଲେରିଆ, ଡାଇରିଆ ଆଶଙ୍କା ରହିଛି। ପଞ୍ଚାୟତର ନଳକୂପ ମରାମତି ତଥା ବସୁଧା ଯୋଜନାରେ ପ୍ଲମ୍ବର କାମ କରୁଥିବା ଏସ୍‌ଇଏମ୍ କର୍ମଚାରୀଙ୍କୁ ୩ରୁ୪ ମାସ ଦରମା ମଧ୍ୟ ମିଳି ନ ଥିବା ଅଭିଯୋଗ ହେଉଛି। ନୂତନ ପ୍ରକଳ୍ପ ଯଥା ଡ୍ରେନ୍ ଓ ବିଦ୍ୟାଳୟ ମରାମତି ଓ ଅନ୍ୟ ଉନ୍ନୟନ କାର୍ଯ୍ୟ ବନ୍ଦ ହୋଇ ରହିଛି। ଅମଲାଙ୍କ ଆନ୍ଦୋଳନ ଯୋଗୁ ସବୁ ଠପ୍ ହୋଇଯାଇଛି। ଜିପିଇଓ ମଣ୍ଟୁ ସ୍ୱାଇଁ ଶନିବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହା ପରେ ଉନ୍ନୟନ କାର୍ଯ୍ୟ ଠିକ୍ ହେବ ବୋଲି ବୁଦ୍ଧିଜୀବୀ ଆଶା କରିଛନ୍ତି।

